


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୮ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 July 2024

Vol.No. 35 ■ No.202 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା


ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସୀମାରେ ଆତଙ୍କୀ ହମଲା: ଜଣେ ଯବାନ ଶହୀଦ, ୪ ଆହତ




ନୂଆଦିଲ୍ଲୀ, ୨୭/୭ : ସୀମାରେ କିଛି ଦିନ ହେବ ଲାଗି ରହିଛି ଆତଙ୍କୀ ହମଲା। ଆଜି ସକାଳେ ପୁଣି ଆତଙ୍କବାଦୀ ଓ ସୈନ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଆତଙ୍କବାଦୀ ନିପାତ ହୋଇ ଥିବାବେଳେ ୫ ଜଣ ଯବାନ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ପରବର୍ତ୍ତୀ ସମୟରେ ଜଣେ ଯବାନ ଶହୀଦ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଆଜି ସକାଳେ ଜମ୍ମୁ କଶ୍ମୀରର କୁପୱାଡା ଜିଲ୍ଲାର ମଛିଲ ସେକ୍ଟର ନିକଟରେ ଯବାନଙ୍କ ଉପରକୁ ଗୁଳିମାଡ଼ କରିଥିଲେ ଆତଙ୍କବାଦୀ। ପାକିସ୍ତାନ ବୋର୍ଡର ଆକ୍ସନ ଟିମ୍ ଆତଙ୍କବାଦୀମାନେ ଏହି ଆକ୍ରମଣ କରିଥିଲେ। ଭାରତୀୟ ସେନା ଏହାର କଡ଼ା ଜବାବ ଦେଇଛି। ଯବାନଙ୍କ ପାଲଟା ଆକ୍ରମଣରେ ଜଣେ ଆତଙ୍କାବାଦୀକୁ ସଫା କରିଛି ଭାରତୀୟ ସେନା। କିନ୍ତୁ ପାଲଟା ଆକ୍ରମଣ ସମୟରେ ପାଞ୍ଚ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯବାନ ଶହୀଦ ହୋଇଛନ୍ତି। କିଛି ଦିନ ହେବ କୁପୱାଡାରେ ଆତଙ୍କୀ କାର୍ଯ୍ୟକଳାପ ବଢ଼ିଚାଲିଛି। ଗୁରୁବାର ଜଣେ ଯବାନ ଶହୀଦ ହୋଇଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ସର୍ଚ୍ଚ ଅପରେସନ ଜାରି ରହିଛି। ସେପଟେ ପଞ୍ଜାବର ଜଣେ ମହିଳା ଉକ୍ତ ଅଞ୍ଚଳରେ ୭ ଜଣ ସନ୍ଦିଗ୍ଧଙ୍କୁ ଦେଖିଥିବା କହିବା ପରେ ଜମ୍ମୁରେ ହାଇ ଆଲର୍ଟ ଜାରି କରାଯାଇଛି। ପଞ୍ଜାବ ପୁଲିସ ଜଣେ ଆତଙ୍କବାଦୀର ସ୍କେଚ୍ ଜାରି କରି ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଯଦି କୌଣସି ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ଜଣାପଡ଼େ ତେବେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ କହିଛି। ଆଜି ମଧ୍ୟ ସମସ୍ତ ଆର୍ମି ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

## ରାମଲଲାଙ୍କ ଛବି ଥିବା ଡାକ ଟିକେଟର ଲୋକାର୍ପଣ କଲେ ଭାରତ ଓ ଲାଓସ



ନୂଆଦିଲ୍ଲୀ, ୨୭/୭ : ଭାରତ ଓ ଲାଓସ ପକ୍ଷରୁ ପ୍ରଥମଥର ପାଇଁ ରାମଲଲାଙ୍କ ଛବି ଥିବା ଡାକ ଟିକେଟକୁ ଲୋକାର୍ପଣ କରାଯାଇଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବେ ଲାଓସ ଗସ୍ତରେ ଅଛନ୍ତି। ତାଙ୍କ ଗସ୍ତ ସମୟରେ ଦୁଇ ଦେଶ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଆଯୋଧ୍ୟାରେ ଥିବା ରାମଲଲାଙ୍କ ଫଟୋ ଥିବା କୌଣସି ଡାକ ଟିକେଟ ପ୍ରଥମଥର ପାଇଁ ଲୋକାର୍ପଣ ହୋଇଛି। ଷ୍ଟାମ୍ପ ସେଟ୍‌ରେ ୨ଟି ଡାକ ଟିକେଟ ରହିଛି। ଗୋଟିଏରେ ଲାଓସର ପୁରୁତାନ ରାଜଧାନୀ ଲୁଅରଙ୍ଗ ପ୍ରବାଙ୍ଗର ଭଗବାନ ବୁଦ୍ଧ ଓ ଆଉ ଗୋଟିଏରେ ଅଯୋଧ୍ୟାର ଭଗବାନ ରାମଙ୍କ ପ୍ରତିଛବି ରହିଛି। ଦୁଇ ଦେଶ ମଧ୍ୟରେ ଥିବା ରାମାୟଣ ଓ ବୌଦ୍ଧ ଧର୍ମ ଭଳି ସାଂସ୍କୃତି ଐତିହ୍ୟକୁ ଅଧିକ ଋଦ୍ଧିମନ୍ତ କରିବାକୁ ଏପରି ଡାକ ଟିକେଟ ଜାରି କରାଯାଇଛି। ଲାଓସରେ ଆୟୋଜିତ ଏସିଆନ ମେକାନିଜିମ ମିଟିଂରେ ଯୋଗ ଦେବାକୁ ଲାଓସ ଯାଇଥିବା ଜୟଶଙ୍କର ସ୍ୱତନ୍ତ୍ର ଡାକ ଟିକେଟର ଅନାବରଣ ବିଷୟରେ ଘୋଷଣା କରିଛନ୍ତି। ତାଙ୍କ ସହ ଲାଓର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଏସ୍ କୋମାସିଥ ଉପସ୍ଥିତ ରହିଥିଲେ। ଲାଓସର ଆତିଥ୍ୟକୁ ମଧ୍ୟ ଜୟଶଙ୍କର ପ୍ରଶଂସା କରିଛନ୍ତି।

## ୬ ବର୍ଷର ଝିଅ ସହ ୮ ମାସର ଗର୍ଭବତୀ ମା’ ନଦୀରେ ଭାସିଗଲେ !

କୋରାପୁଟ, ୨୭/୭ (ନି.ପ୍ର): ୬ ବର୍ଷର ଝିଅ ସହ ୮ ମାସର ଗର୍ଭବତୀ ମାଆ ଝଞ୍ଜାବତୀ ନଦୀରେ ଭାସି ଗଲେ! ମହିଳା ଜଣକ ପ୍ରସବ ପାଇଁ ମେଡ଼ିକାଲ୍ ଆସି ଗତ ଦୁଇ ଦିନ ହେଲା ମାଆ ଗୃହରେ ରହିଥିଲେ। ଆଜି ସନ୍ଧ୍ୟା ବେଳେ ଏପରି ହୃଦୟ ବିଦାରକ ଘଟଣା କୋରାପୁଟ ଜିଲ୍ଲାରେ ଘଟିଛି। ଲଘୁଚାପ ଜନିତ ବର୍ଷା ଯୋଗୁ ଝଞ୍ଜାବତୀ ନଦୀରେ ପ୍ରବଳ ବନ୍ୟା ପାଣି ପ୍ରବାହିତ ହେଉଛି। ତାହାରି ଭିତରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ନାରାୟଣପାଟଣା ଥାନା ଡୋକରିଘାଟି ଗାଁର ରାମ ତାଡିଂଙ୍କ ପତ୍ନୀ ହେଉଛନ୍ତି ମତି ତାଡିଂ। ତାଙ୍କର ୬ ବର୍ଷର ଝିଅଟିଏ ଅଛି। ଏବେ ସେ ୮ ମାସର ଗର୍ଭବତୀ। ଅଗଷ୍ଟ ୧୮ ତାରିଖରେ ପ୍ରସବ ପାଇଁ ଡାକ୍ତର ଡେଟ୍ ଦେଇଥିଲେ। ତେବେ ଗୁରୁବାର ମତି ପ୍ରସବ ବେଦନା ପାଇଥିଲେ। ତେଣୁ ତାଙ୍କ ସ୍ୱାମୀ ତାଙ୍କୁ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚେକ୍‌ଅପ୍ ପରେ ଡେଟ୍ ହୋଇନଥିବା କହିଥିଲେ ଡାକ୍ତର। ତେଣୁ ସେ ନାରାୟଣପାଟଣା ଉପକଣ୍ଠରେ ନିର୍ମାଣ ହୋଇଥିବା ମାଆ ଗୃହରେ ରହିଥିଲେ। ମତି ତାଡିଂ ଙ୍କ ପାଖରେ ତାଙ୍କ ସ୍ୱାମୀ ଓ ୬ ବର୍ଷର ଝିଅ ଥିଲେ। ଆଜି ସନ୍ଧ୍ୟାରେ

▶▶ପୃଷ୍ଠା ୭

## ଦିଲ୍ଲୀରେ ମମତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ନୂଆଦିଲ୍ଲୀ, ୨୭/୭ :ଗତ ଦୁଇ ଦିନ ହେଲା ଓଡ଼ିଶାରେ ଦେଖାଦେଇଛି ଆଳୁ ଶଙ୍କଟ। ଏହି ସମସ୍ୟା ସମାଧାନ ପାଇଁ ଆରମ୍ଭ ହୋଇଛି ଉଦ୍ୟମ। ଆଜି ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓଡ଼ିଶାରେ ଦେଖାଦେଇଥିବା ଆଳୁ ସମସ୍ୟା ସମ୍ପର୍କରେ ସେ ମମତାଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ରାଜ୍ୟରେ ଅହେତୁକ ଦରବୃଦ୍ଧି ଯୋଗୁ ସାଧାରଣ ଜନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଶ୍ରୀ ମାଝୀ କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ଆଳୁ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ଇଏ

▶▶ପୃଷ୍ଠା ୭

## ଭାରତକୁ ବିକଶିତ କରିବାରେ ରାଜ୍ୟମାନଙ୍କ ପ୍ରମୁଖ ଭୂମିକା : ନୀତି ଆୟୋଗ ବୈଠକରେ କହିଲେ ମୋଦୀ

### ■ବୈଠକକୁ ଗଲେନି ନୀତୀଶ କୁମାର
### ■ବୈଠକ ମଝିରୁ ଉଠି ଚାଲିଗଲେ ମମତା



ନୂଆଦିଲ୍ଲୀ, ୨୭/୭ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ନିତି ଆୟୋଗ ବୈଠକରେ ଉଦବୋଧନ ଦେଇ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରେ ପରିଣତ କରିବା ପ୍ରତ୍ୟେକ ଭାରତୀୟଙ୍କର ଆକାଂକ୍ଷା ବୋଲି କହିଛନ୍ତି । ରାଜ୍ୟମାନେ ଏହି ଲକ୍ଷ୍ୟ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ କାରଣ ସେମାନେ ସିଧାସଳଖ ଲୋକଙ୍କ ସହ ଜଡିତ । “୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ରେ ପରିଣତ କରିବା ପ୍ରତ୍ୟେକ ଭାରତୀୟଙ୍କର ଲକ୍ଷ୍ୟ। ଲୋକଙ୍କ ସହ ସିଧାସଳଖ ଜଡ଼ିତ ଥିବାରୁ ଏହି ଲକ୍ଷ୍ୟ ହାସଲ ରେ ରାଜ୍ୟଗୁଡ଼ିକ ସକ୍ରିୟ ଭୂମିକା ଗ୍ରହଣ କରିପାରିବେ“ ସେ କହିଛନ୍ତି। ସେ କହିଛନ୍ତି ଯେ ଏହି ଦଶନ୍ଧି ବୈଷୟିକ ଏବଂ ଭୂ-ରାଜନୈତିକ ପରିବର୍ତ୍ତନ ସହିତ ସୁଯୋଗ ମଧ୍ୟ ଆଣିଦେଇଛି । ଭାରତ ଏହି ସୁଯୋଗର ଫାଇଦା ଉଠାଇବା ଉଚିତ ଏବଂ ଆମର ନୀତିକୁ ଅନ୍ତର୍ଜାତୀୟ ପୁଞ୍ଜିନିବେଶ ପାଇଁ ଅନୁକୂଳ କରିବା ଉଚିତ। ଭାରତକୁ ଏକ ବିକଶିତ ରାଷ୍ଟ୍ର ରେ ପରିଣତ କରିବା ଦିଗରେ ଏହା ହେଉଛି ପ୍ରଗତିର ମାର୍ଗ। ତେବେ କଂଗ୍ରେସ ପାର୍ଟି ଏବଂ ଇଣ୍ଡିଆ ମେଣ୍ଟର ଅନେକ ଦଳ ନିତି ଆୟୋଗ ବୈଠକକୁ ବିରୋଧ କରୁଛନ୍ତି। ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାରତ ମେଣ୍ଟ ଅବସରରେ ନିତି ଆୟୋଗ ବୈଠକରେ ଯୋଗ ଦେଇଥିଲେ। ହେଲେ ସେ ବୈଠକ ଅଧାବାଟରେ ଛାଡ଼ି ଚାଲିଯାଇଥିଲେ। ବୈଠକରୁ ବାହାରିବା ପରେ ମମତା ବାନାର୍ଜୀ କହିଥିଲେ ଯେ ତାଙ୍କୁ ବୈଠକରେ କହିବାର ସୁଯୋଗ ମିଳିନଥିଲା, ତେଣୁ ସେ ବିରୋଧ କରି ବାହାରକୁ ଆସିଥିଲେ। ନୀତି ଆୟୋଗର ନବମ ବୈଠକ ବସି ଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏଥିରେ ଯୋଗ ଦେଇ ନାହାନ୍ତି। ବହୁ ଅଣବିଜେପି ଶାଶିତ ରାଜ୍ୟ ମୁଖ୍ୟମନ୍ତ୍ରୀମାନେ ଏହି ବୈଠକକୁ ବୟକଟ୍ କରିଛନ୍ତି। କିନ୍ତୁ ବିଜେପି ନେତୃତ୍ୱାଧୀନ ଏନଡିଏର ନୀତୀଶ କୁମାରଙ୍କ ଜନତା ଦଳ(ୟୁନାଇଟେଡ) ସଦସ୍ୟ ଥିଲେ ମଧ୍ୟ ସେ ଏହି ବୈଠକରେ ଯୋଗ ଦେଇନଥିବା ଜଣାପଡ଼ିଛି। ବିହାର ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା ନୀତି ଆୟୋଗ ବୈଠକରେ ଯୋଗ ଦେଇଛନ୍ତି। ତେବେ ନୀତୀଶ କୁମାର କାହିଁକି ଯୋଗ ଦେଇନାହାନ୍ତି, ତାହା ଜଣାପଡ଼ି ନାହିଁ। ବିଶେଷ ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, କେନ୍ଦ୍ର ପୁଡୁଚେରୀର ବଜେଟ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ, ଯାହାକୁ ନେଇ ନୀତୀଶ କୁମାର ନୀତି ଆୟୋଗ ବୈଠକରେ ତାଙ୍କର କୌଣସି ଆବଶ୍ୟକତା ନଥିବା ଅନୁଭବ କରି ଯୋଗ ଦେଇନଥିବା କୁହାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ହୋଇଥାଏ। ଏଥିରେ ସମସ୍ତ ରାଜ୍ୟର

▶▶ପୃଷ୍ଠା ୭

## ଆଜି ହୀରାକୁଦ ଜଳଭଣ୍ଡାରରୁ ପ୍ରଥମ ଥର ନିଷ୍କାସିତ ହେବ ଚଳିତ ବର୍ଷର ବନ୍ୟାଜଳ

ସମ୍ବଲପୁର, ୨୭/୭ (ନି.ପ୍ର): ମହାନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପାଇଁ ଆସନ୍ତାକାଲି ରବିବାର ପୂର୍ବାହ୍ନ ୯ଟାରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଗେଟ୍ ଖୋଲିବ। ଗେଟ୍ ଖୋଲିବା ନେଇ ପୂର୍ବରୁ ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା ସୂଚନା ପ୍ରଦାନ କରିଛନ୍ତି। ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ନେଇ ନିଷ୍ପତ୍ତି ହୋଇଛି ବୋଲି ହୀରାକୁଦ ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ମହାନଦୀର ତଳମୁଣ୍ଡରେ ଥିବା ଜିଲ୍ଲାମାନଙ୍କୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ମହାନଦୀର ଉପରମୁଣ୍ଡ ଛତିଶଗଡ଼ରେ ପ୍ରବଳ ବର୍ଷା ହେଉଛି। ଫଳରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୨ ଲକ୍ଷ ୯୪ ହଜାର ୧୧୨ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଛି। ଏହି ସମୟରେ ଜଳଭଣ୍ଡାରରୁ ୩୯,୫୧୨ କ୍ୟୁସେକ ଜଳ ନିଷ୍କାସନ ହେଉଛି। ହୀରାକୁଦର ଜଳଭଣ୍ଡାରର ଜଳସ୍ତର ଏବେ ୬୧୫.୨ ଫୁଟରେ ପହଞ୍ଚିଛି। ଗେଟ୍ ଖୋଲିବା ସମୟରେ ଜଳସ୍ତର ୬୧୫ ଫୁଟରୁ ଅଧିକ ଜଳ ଥିବ ବୋଲି ସୂଚନା ମିଳିଛି । ୨୮ ତାରିଖରେ କେତୋଟି ଗେଟ୍ ଖୋଲାଯିବ ସେନେଇ ପରେ ନିଷ୍ପତ୍ତି ନିଆଯିବ।

## ଘାଟିରେ ଓଲଟିଲା କାର: ୫ ଶିଶୁଙ୍କ ସମେତ ୮ ମୃତ

ନୂଆଦିଲ୍ଲୀ, ୨୭/୭ : ଜମ୍ମ କଶ୍ମୀର ଅନନ୍ତନାଗରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଘାଟିରେ ଓଲଟି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ୫ ଜଣ ଶିଶୁ ଅଛନ୍ତି। ସୂଚନା ଅନୁସାରେ, ଆଜି ମଧ୍ୟାହ୍ନରେ ଜମ୍ମୁ କଶ୍ମୀର ଅନନ୍ତନାଗ ଜିଲ୍ଲା ଡାକସୁମ ଘାଟିରେ ଏହି ଦୁର୍ଘଟଣା ଘଟିଛି। ଡାକସୁମ ଘାଟିରେ ଯିବା ସମୟରେ ଏକ କାର୍ ଓଲଟି ପଡ଼ିବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନଥିବା ବେଳେ ସେମାନେ କେଉଁ ଅଞ୍ଚଳର ତାହା ମଧ୍ୟ ଜଣାପଡ଼ି ନାହିଁ। ଖବର ଲେଖା ହେବା ସୁଦ୍ଧା ଉଦ୍ଧାରକାର୍ଯ୍ୟ ଜାରି ରହିଥିଲା। ପ୍ରାଥମିକ ରିପୋର୍ଟ ଅନୁସାରେ, କାରଟି ଜମ୍ମୁର କିଶିତିୱାରରୁ ଆସୁଥିଲା। ଡାକସୁମ ଘାଟିରେ ଚାଳକ ଭାରସାମ୍ୟ ହରାଇବାରୁ କାର୍ ଘାଟି ତଳକୁ ଖସି ପଡ଼ିଥିଲା। ଡ୍ରାଇଭରଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।

## କଣ ପାଇଁ ଫେଲ୍ ହେଲା ‘ଆଳୁ ମିଶନ୍’: ବିଜେଡିକୁ ଘେରିଲା ବିଜେପି



ଭୁବନେଶ୍ୱର, ୨୭/୭ (ନି.ପ୍ର): ଆଳୁ ପାଇଁ ପଡ଼ୋଶୀ ପଶ୍ଚିମବଙ୍ଗ ଉପରେ ନିର୍ଭର କରୁଛି ଓଡ଼ିଶା। ଏହାର ସୁଯୋଗ ନେଇ ପଶ୍ଚିମବଙ୍ଗ ସରକାର ଓଡ଼ିଶାକୁ ଅନେକ ସମୟରେ ନାଲି ଆଖି ଦେଖାଉଛି। ଆଉ ମନଇଚ୍ଛା ଆଳୁ ଯୋଗାଣ ବନ୍ଦ କରିଦେଉଛି। ଯେଉଁଥିପାଇଁ ରାଜ୍ୟରେ ଦେଖାଦେଉଛି ଆଳୁ ସଙ୍କଟ। ଏହାର ମୁକାବିଲା ପାଇଁ ପୂର୍ବ ସରକାର(ବିଜେଡି) ଆରମ୍ଭ କରିଥିଲେ ‘ଆଳୁ ମିଶନ୍’। ହେଲେ ଠିକ୍ ଭାବେ ରୂପାୟନ ହୋଇପାରିନଥିବାରୁ ବିଜେଡିର ଆଳୁ ମିଶନ୍ ଫେଲ୍ ମାରିଥିଲା। ଯାହାକୁ ନେଇ ବିଜେଡିକୁ ଟାର୍ଗେଟ କରିଛି ବିଜେପି। ପଶ୍ଚିମବଙ୍ଗ ସରକାରଙ୍କ ନାଲି ଆଖିକୁ ଦେଖି ୨୦୧୫ ମସିହାରେ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ ତିନି ବର୍ଷିଆ ଆଳୁ ମିଶନ। ସେଥିପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟକୁ ଅତିରିକ୍ତ ୫୦ କୋଟି ଟଙ୍କା ଦିଆଯାଇଥିଲା। ଲକ୍ଷ୍ୟ ଥିଲା, ରାଜ୍ୟରେ ମାତ୍ର ୧୫ ହଜାର ହେକ୍ଟର ଜମିରେ ହେଉଥିବା ଆଳୁ ଚାଷକୁ ବଢ଼ାଇ ୩ ବର୍ଷରେ ୬୦ ହଜାର ହେକ୍ଟରରେ ପହଞ୍ଚାଇବା। ଚାଷୀଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ଉତ୍ପାଦିତ ଆଳୁକୁ ନିକଟସ୍ଥ ଶୀତଳ ଭଣ୍ଡାରରେ ସଂରକ୍ଷିତ ରଖିବାର ବ୍ୟବସ୍ଥା କରାଯିବ। ସେଥିପାଇଁ ୧୧୨ଟି ନୂଆ ଶୀତଳ ଭଣ୍ଡାର ନିର୍ମାଣ କରିବାର ଯୋଜନା କରାଯାଇଥିଲା। ହେଲେ ମିଶନ୍ ଅଧୀନରେ ରଖାଯାଇଥିବା ଗୋଟିଏ ବି ଲକ୍ଷ୍ୟ ପୂରଣ ହୋଇପାରିଲାନି। ୩ ବର୍ଷ ଭିତରେ ମାତ୍ର ୪ଟି ଶୀତଳଭଣ୍ଡାର ନିର୍ମାଣ ହୋଇପାରିଥିଲା। ଆଉ ଆଳୁ ଚାଷଜମି ମାତ୍ର ୨୫ ହଜାର ହେକ୍ଟରରେ ହାମୁଡେଇଲା। ଯାହାର ପରିଣାମ ସ୍ୱରୂପ ଆଳୁ ମିଶନ ମାଟି କାମୁଡିଲା। ଆଳୁ ଚାଷଠାରୁ ମୁହଁ ଫେରାଇ ନେଇଥିଲେ ଚାଷୀ। ୨୦୧୫ ମସିହାରେ ଫେଲ ମାରିଥିବା ‘ଆଳୁ ମିଶନ୍?’ ୨୦୨୪ ମସିହାରେ ପୁଣି ଥରେ ଚର୍ଚ୍ଚାରେ। କାରଣ ଗତ ୨ରୁ ୩ ଦିନ ହେଲା ପଶ୍ଚିମବଙ୍ଗ ସରକାର ଆଳୁ ଯୋଗାଣ

▶▶ପୃଷ୍ଠା ୭

## ଭୂସ୍ଖଳନ ଯୋଗୁ ଭୁଶୁଡ଼ିଲା କାନ୍ଥ: ଚାଲିଗଲା ଦୁଇ ଜୀବନ



ନୂଆଦିଲ୍ଲୀ, ୨୭/୭ : ଲଗାଣ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଟେହରି ଜିଲ୍ଲାରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିଯୋଗୁ ଏକାଧିକ ଘର ଭାଙ୍ଗି ଯାଇଥିବା ବେଳେ କିଛି ସ୍ଥାନରେ କାନ୍ଥ ଭୁଶୁଡ଼ି ପଡ଼ିଛି। ଟୋଲି ଗାଁରେ କାନ୍ଥ ଭୁଶୁଡ଼ିବା ଯୋଗୁ ଏହା ତଳେ ଚାପି ହୋଇ ମା’ଝିଅଙ୍କ ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ସରିତା ଦେବୀ ଓ ତାଙ୍କ ୧୫ ବର୍ଷର ଝିଅ ଅଙ୍କିତାଙ୍କ ମୃତଦେହକୁ ବାହାର କରିଛନ୍ତି। ଜିଲ୍ଲା ମାଜିଷ୍ଟ୍ରେଟ ମୟୂର ଦୀକ୍ଷିତ

▶▶ପୃଷ୍ଠା ୭

## ନୀତି ଆୟୋଗର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଦାବି



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୀତି ଆୟୋଗ ବୈଠକରେ ଯୋଗଦେବା ସହିତ ବିଭିନ୍ନ ଦାବି କରିଛନ୍ତି। ରାଜ୍ୟରେ ବନ୍ଦରଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ଦାବି ପାଇଁ ସହାୟତା ଲୋଡ଼ିଛନ୍ତି। ଭଦ୍ରକ ଜିଲ୍ଲା ଧାମରା ଓ ଗଂଜାମ ଜିଲ୍ଲା ଗୋପାଳପୁରରେ ନିକଟରେ ଶିଳ୍ପାଞ୍ଚଳ ଗଠନ ଦାବି କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ପ୍ରାୟ ୪ହଜାର ୩ଶହ ଏକର ଜମି ହସ୍ତାନ୍ତର ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏହାସହ ବିପର୍ଯ୍ୟୟ ଓ ଭିତ୍ତିଭୂମି ପ୍ରକଳ୍ପକୁ ତୁରନ୍ତ କେନ୍ଦ୍ରୀୟ ମଞ୍ଜୁରୀ ପାଇଁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅନ୍ତଃରାଜ୍ୟ ଅକ୍ଷୟ ଶକ୍ତି ପରିବହନ କରିଡର ପାଇଁ ପ୍ରସ୍ତାବ ରଖିଛନ୍ତି। ଟେଲିକମ, ଶକ୍ତି କ୍ଷେତ୍ରରେ ଭିତ୍ତିଭୂମି ପାଇଁ ମଧ୍ୟ ଦାବି କରିଛନ୍ତି। ଏଥିରେ ବ୍ୟାଙ୍କ ନଥିବା ପଞ୍ଚାୟତରେ ବ୍ୟାଙ୍କ ଓ ଏଟିଏମ୍ ଖୋଲିବାକୁ କେନ୍ଦ୍ରକୁ ସହାୟତା ମାଗିଛନ୍ତି। ଏହା ବ୍ୟତୀତ ରାଜ୍ୟରେ ରେଳ ସଂଯୋଗ ବଢ଼ାଇବା ସହ କାର୍ବନ ନିର୍ଗମନ କିପରି କମ୍ କରାଯାଇପାରିବ, ସେଥିପାଇଁ ସହାୟତା ଲୋଡ଼ିଛନ୍ତି। ପିଏମ୍ ଜନଜାମି ଯୋଜନାରେ ଆଦିବାସୀଙ୍କ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକାର ସୁଯୋଗ ସୃଷ୍ଟି କରିବା ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପାଇଁ ଦାବି ହୋଇଛି।

# ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉଦଳା , ୨୭/୭ (ନି.ପ୍ର): ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ଜୟପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସରୋଜ କୁମାର ରାଜ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟ ସାଧକ ଶ୍ରୀଯୁକ୍ତ ରବିକାନ୍ତ ମହାପାତ୍ର ଏବଂ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଜଗଦିଶ କୁମାର ମିଶ୍ର । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହରିହର ପଟ୍ଟନାୟକ ସଂଯୋଜନା କରିଥିଲେ । ଜୟପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ତଥା ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ସଭାରେ ମଂଚାସୀନ ଅତିଥି ମାନଙ୍କୁ ପରିଚୟ ପ୍ରଦାନ କରିଥିଲେ ବିଜ୍ଞାନ ଶିକ୍ଷକ ଶ୍ରୀଯୁକ୍ତ ଅରବିନ୍ଦ ଶତପଥୀ । ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକ ପୂର୍ବତନ ସଭାପତି ଗୌରାଙ୍ଗ ପୋଥାଳ ଓ ଶ୍ରୀକୃଷ୍ଣ ବାରିକ, ପୂର୍ବତନ ସଂପାଦକ ସୋମନାଥ କର ଓ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବରୋଜ କୁମାର ରାଜ, ସାମ୍ବାଦିକ ହିରେନ କୁମାର ରାୟ, ଜୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବବ୍ରତ ବାରିକ ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଶିକ୍ଷକଙ୍କ ବହୁମୁଖୀ ପ୍ରତିଭା, ସାଂଗଠନିକ ଦକ୍ଷତା ଓ ବିଦ୍ୟାଳୟର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକରେ ସଫଳ ସଂପାଦନର ସକ୍ରୀୟ ଅଂଶ ଗ୍ରହଣ କରିଥିବା ତଥା ଅତିଥି ମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ପଣ୍ଡା ଓ ତାଙ୍କର ଧର୍ମପତ୍ନୀ ଦୀପ୍ତିଲତା ମିଶ୍ରଙ୍କୁ ମାନପତ୍ର ସହ ଉପଢ୍ୌକନ ପ୍ରଦାନ କରାଯାଇଥିଲା । ଅଧ୍ୟୟନରତ ଛାତ୍ର ଛାତ୍ରୀ ଓ ପୁରାତନ ଛାତ୍ର ତଥା ଶିକ୍ଷକ ଭାଗିରଥୀ ପରିଡ଼ା ତାଙ୍କର ପ୍ରିୟ ବିଦାୟୀ ଶିକ୍ଷକଙ୍କ ଛାତ୍ର ବତ୍ସଳତା ଏବଂ ସମର୍ପିତ ମନୋଭାବ ଓ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ସମ୍ବନ୍ଧରେ ସ୍ମୃତିଚାରଣ କରିଥିଲେ । ବିଦାୟୀ ଶିକ୍ଷକ ଶ୍ରୀଯୁକ୍ତ ପଣ୍ଡା ଉକ୍ତ ବିଦ୍ୟାଳୟରେ ୩୮ ବର୍ଷ ଶିକ୍ଷକତାରେ ଆତ୍ମସନ୍ତୋଷ ପ୍ରକାଶ କରିବା ସହ ବିଦ୍ୟାଳୟର ପ୍ରତିଷ୍ଠାତା, ତାଙ୍କର ସହକର୍ମି ଓ ଗ୍ରାମବାସୀ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କ ଶ୍ରଦ୍ଧା ଓ ସହଯୋଗ ପାଇଥିବା ସ୍ୱୀକାର କରିଥିଲେ ପୁରା କାର୍ଯ୍ୟକ୍ରମକୁ ଶିକ୍ଷକ ଶତୃଘ୍ନ ଜେନା, ଅଶୋକ କୁମାର ରାଜ, କ୍ଷୀରୋଦ କୁମାର ନାଏକ, ସଂଜୀବ ନାୟକ, ଭକ୍ତ ରଂଜନ ନାୟକ ଓ ସ୍କୁଲ ରାତ୍ର ଜଗୁଆଳ ମାନ ପ୍ରମୁଖ ସାହାଯ୍ୟ ସହଯୋଗ କରିଥିଲେ । ଉକ୍ତ ସଭାରେ ଶିକ୍ଷକ ପ୍ରିୟବ୍ରତ ବାରିକ ନିଜର ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା

ଗଂଜାମ, ୨୭/୭ (ନି.ପ୍ର): ବ୍ରହ୍ମପୁର ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପସଭାପତି ପ୍ରାଣଚାନ୍ଦ ପଣ୍ଡା ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ସମାଜ ସେବୀ ଅବସରପ୍ରାପ୍ତ ଡେପୁଟି ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଫୁଲ୍ଲ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସିନ୍ ହୋଇଥିଲେ । ପ୍ରାରମ୍ଭରେ ବନ୍ଦ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ବରିଷ୍ଠ ସଦସ୍ୟ ତଥା କଣ୍ଠଶିଳ୍ପୀ ଶ୍ୟାମାପ୍ରସାଦ ପାଢୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ଆଲୋଚନା ପ୍ରସଙ୍ଗ ରେ ଓଡ଼ିଶା ରେ ନବନିର୍ବାଚିତ ସରକାର ଙ୍କୁ ସ୍ୱାଗତ କରି ବରିଷ୍ଠ ନାଗରିକ ସୁରକ୍ଷା ନିମନ୍ତେ ସହାୟତା ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା ।

# ଅର୍ବାନ୍ ବ୍ୟାଙ୍କ୍ ନିର୍ବାଚନର ରେଳବାଇ ମେନ୍ସ ୟୁନିୟନ୍‌ରେ ବିପୁଳ ବିଜୟ




ବାଲେଶ୍ୱର, ୨୭/୭ (ନି.ପ୍ର): ଗତ ଜୁଲାଇ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ଦକ୍ଷିଣ ପୂର୍ବ ରେଳବାଇର ଅର୍ବାନ୍ ବ୍ୟାଙ୍କ୍ ଡେଲିଗେଟ୍ସ ନିର୍ବାଚନ - ୨୦୨୪ରେ ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ବାଲେଶ୍ୱର ଶାଖା ଦକ୍ଷିଣ ପୂର୍ବ ରେଳପଥ ମେନ୍ସ ୟୁନିୟନ୍ ସମର୍ଥିତ ଇଞ୍ଜିନିୟରିଂ ବିଭାଗର ସମସ୍ତ ଦୁଇଜଣ ପ୍ରାର୍ଥୀ ଶ୍ରୀ ଦୀନେଶ କୁମାର ରାମ ଓ ଶ୍ରୀ ସନାତନ ଗାୟେନ୍ ବିପୁଳ ଭୋଟରେ ବିଜୟ ଲାଭ କରିଛନ୍ତି । ଏଥିସହ ବାଲେଶ୍ୱର ଶାଖା ସମର୍ଥନରେ ଅନ୍ୟ ବିଭାଗର ପ୍ରାର୍ଥୀ ମଧ ଖଡ଼ଗପୁର ଡିଭିଜନ୍‌ରେ ବିଜୟ ଲାଭ କରିଛନ୍ତି । ଏଥିପାଇଁ ବାଲେଶ୍ୱର ଶାଖାର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ଗୌରସାଧନ ମିଶ୍ରଙ୍କ ସଭାପତିତ୍ୱରେ ୟୁନିୟନ୍ ବାଲେଶ୍ୱର ଶାଖା କାର୍ଯ୍ୟାଳୟରେ ଏକ ବିଜୟ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବିପୁଳ ବିଜୟରେ ବିଶେଷ ଭାବରେ ସାହାଯ୍ୟ ଓ ସହଯୋଗ କରିଥିବାରୁ ସର୍ବଶ୍ରୀ ପ୍ରଦୀପ କୁମାର ପୋଥାଳ, ଅଭିମନ୍ୟୁ ବେହେରା, ଉମେଶ ଚନ୍ଦ୍ର ଅଗସ୍ତି, ନିତ୍ୟାନନ୍ଦ ମହାନ୍ତି, ଶିଶିର କୁମାର ଦାସ, ଗୌରବ କୁମାର ରାୟ, ହରିଶ୍ଚନ୍ଦ୍ର ମହାନ୍ତି, ସୁନୀଲ କୁମାର ଦାସ, କୃଷ୍ଣଚନ୍ଦ୍ର ଦାସ, ଅଚ୍ୟୁତାନନ୍ଦ ସାହୁ, ଖଗନ ସାହୁ, ନିର୍ମଳ ଚନ୍ଦ୍ର ବେହେରା, ବିଜୟ କୁମାର ବେହେରା, ଅରୁଣ କୁମାର ପଲେଇ, ସୁବ୍ରତ ବିଶ୍ୱାସଙ୍କ ସହିତ ସବୁ ୟୁନିୟନ୍ କାର୍ଯ୍ୟକର୍ତ୍ତାଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସମ୍ପାଦକ ଶ୍ରୀଯୁକ୍ତ ଜ୍ୟୋତିଷ ଚନ୍ଦ୍ର ଦାସ ବାଲେଶ୍ୱରରୁ ବିଜୟୀ ଦୁଇଜଣଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଶ୍ରୀଯୁକ୍ତ ଗୌର ସାଧନ ମିଶ୍ର ସଙ୍ଗଠନକୁ ଶକ୍ତିଶାଳୀ କରିବାପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର, ୨୭/୭ (ନି.ପ୍ର): ଦେଶୀ ମଦ ଚାଲାଣ ବେଳେ ଜୟପୁର ସଦର ପୋଲିସ ଆଜି ଚଢାଉ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବଡ ଓଜେଇ ଜଗନ୍ନାଥ ନାୟକ (୨୮) । ବଡ ଓଜେଇ ଗ୍ରାମରୁ ଏକ ବାଇକେର ଦେଶି ମଦ ଚାଲାଣ ହେଉଥିବା ବେଳେ ଜୟପୁର ସଦର ପୋଲିସ ସୁଚନ ପାଇ ବାମୁଣି ଗାଁ ରାସ୍ତାରେ ଚଢାଉ କରିଥିଲା । ଚଢାଉ କରି ୨୦ ଲିଟର ଦେଶି ମଦ ଓ ବାଇକକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ନେଇ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ମୟୂରଭଞ୍ଜରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ

ବାରିପଦା , ୨୭/୭ (ନି.ପ୍ର): ଆଗାମୀ ୨୭ ଓ ୨୮ ତାରିଖ ପାଇଁ ମୟୂରଭଞ୍ଜ ଜିଲ୍ଲା ସମେତ ଅନ୍ୟାନ୍ୟ ଉତ୍ତର ଓଡ଼ିଶାର ଜିଲ୍ଲା ପାଇଁ ଜାରି କରାଯାଇଥିବା ସମ୍ଭାବ୍ୟ ବର୍ଷା ଓ ବନ୍ୟା ସତର୍କକୁ ଦୃଷ୍ଟିରେ ରଖି ଅତିରିକ୍ତ ଜିଲ୍ଲାପାଳ (ଜରୁରୀକାଳୀନ ) ଶ୍ରୀ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି ଓ ପ୍ରାପ୍ତ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ଓ ଏହାର ଆଖପାଖ ଅଞ୍ଚଳ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର ବଙ୍ଗୋପସାଗର ଓ ଏହାର ଆଖପାଖ ଉପକୂଳ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇଛି ।ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ । ସମସ୍ତ ବିଡ଼ିଓ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ପାଇଁ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ । ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ । ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି । ବୈଠକରେ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏବଂ ଉଦ୍ଧାର କାର୍ଯ୍ୟରେ ପିଆରଆଇ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କୁ ସାମିଲ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥି ସହିତ କୌଣସି ଜରୁରୀକାଳୀନ ଅଧିକାରୀଙ୍କୁ ଏହି ଦୁଇ ଦିନ କାର୍ଯ୍ୟ ମୁଖ୍ୟାଳୟ ନ ଛାଡ଼ିବା ପାଇଁ ମଧ ଜିଲ୍ଲାପାଳ ଆଦେଶ ଦେଇଛନ୍ତି । ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରଜନୀକାନ୍ତ ସ୍ୱାଇଁ, ସମସ୍ତ ଉପଜିଲ୍ଲାପାଳ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ ପାଳିତ

ଜୟପୁର, ୨୭/୭ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଜୁଲାଇ ୨୬ ତାରିଖରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ପ୍ରମୁଖ କାର୍ଯ୍ୟକ୍ରମ ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଗିଲ ଯୁଦ୍ଧର ଶହୀଦମାନଙ୍କୁ ସମ୍ମାନ ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏକ ଭାରତ ଶ୍ରେଷ୍ଠ ଭାରତର ନୋଡାଲ ଅଫିସର ଡ. ସୌରଭ ଗୁପ୍ତା ସ୍ୱାଗତ ଭାଷଣ ଦେଇଥିଲେ । ସେ କାର୍ଗିଲର ଯୁଧରେ ଓଡିଶାର ଶହୀଦ ଯବାନଙ୍କ ନାମ ବର୍ଣ୍ଣନା କରିବା ସହ ନୂଆ ପିଢ଼ିର ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ବଳିଦାନରୁ ପ୍ରେରଣା ନେବାକୁ ଅନୁରୋଧ କରିଥିଲେ ।ଏହାପରେ ବିଶ୍ୱବିଦ୍ୟାଳୟର ଭରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡା, ଜୈବବିବିଧତା ଓ ପ୍ରକୃତିକ ସମ୍ପଦ ସଂରକ୍ଷଣ ସ୍କୁଲ୍ ର ଡିନ୍ ପ୍ରଫେସର ଏସ୍ କେ ପାଲିତା, ଶିକ୍ଷା ବିଭାଗର ଏଚ୍‌ଓଡି ପ୍ରଫେସର ଭରତ କୁମାର ପଣ୍ଡା ଓ ବିଜନେସ୍ ମ୍ୟାନେଜମେଣ୍ଟର ଏଚ୍‌ଓଡି ଡ. ପି ସି ମିଶ୍ର ପ୍ରମୁଖ କାର୍ଗିଲ ବିଜୟ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ ।ଅଧିବେଶନରେ ଅଧକ୍ଷତା କରିଥିବା ପ୍ରଫେସର ଏନ୍ ସି ପଣ୍ଡା ଦେଶର ବିଭିନ୍ନ ସୀମାରେ ସୈନିକମାନେ ସମ୍ମୁଖୀନ ହେଉଥିବା ଅସୁବିଧା ସମ୍ପର୍କରେ ବର୍ଣ୍ଣନା କରିବା ସହ ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ପ୍ରଶଂସା କରିଥିଲେ । ପ୍ରଫେସର ପାଲିତା ଐତିହାସିକ, ଭୌଗୋଳିକ ଓ କୂଟନୈତିକ ଦୃଷ୍ଟିକୋଣରୁ କାର୍ଗିଲ ଯୁଦ୍ଧର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ପ୍ରଫେସର ଭରତ ପଣ୍ଡା ବିଜୟ ଦିବସର ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାକୁ ପ୍ରତ୍ୟେକ ଭାରତୀୟ ଅନୁସରଣ କରିବା ଉଚିତ୍ ।

# ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ତ୍ରିରଙ୍ଗା ଯାତ୍ରା ଓ କାରଗିଲ୍ ବିଜୟ ଦିବସ ପାଳନ



ବାଲେଶ୍ୱର, ୨୭/୭ (ନି.ପ୍ର): ଆଜି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ତ୍ରିରଙ୍ଗା ଯାତ୍ରା ଓ କାରଗିଲ୍ ବିଜୟ ଦିବସ ପାଳନ ହୋଇ ଯାଇଛି,୧୯୯୯ ମସିହାରେ କାରଗିଲ ଠାରେ ଭାରତ ପାକିସ୍ଥାନ ମଧରେ ଯୁଦ୍ଧ ହୋଇଥିଲା, ଏହି ଯୁଦ୍ଧରେ ଭାରତ ବିଜୟୀ ଲାଭ କରିଥିଲା, ତେବେ ଆଜକୁ ଏହାର ୨୫ବର୍ଷ ପୂର୍ତ୍ତି ଅବସରରେ ଆଜି ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ସଭାପତି ରାଜେଶ୍ ମହାପାତ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ଫାଣ୍ଡି ଛକ ନିକଟରୁ ତ୍ରିରଙ୍ଗା ଯାତ୍ରା ବାହାରି ବିବେକାନନ୍ଦ ମାର୍ଗ ସ୍ଥିତ ସିଦ୍ଧି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଦୀର୍ଘ ୧୦୦ମିଟରର ଜାତୀୟ ପତାକା କୁ ଯୁବ ମୋର୍ଚ୍ଚାର ସଦସ୍ୟ ସମେତ ଜିଲ୍ଲା ବିଜେପି ର କାର୍ଯ୍ୟକର୍ତ୍ତା ମାନେ ଶୋଭା ଯାତ୍ରା ରେ ଯାଇଥିଲେ, ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ଖଗେନ୍ଦ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସରକାର ଙ୍କ ଉପ ସଚେତକ ତଥା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ବସ୍ତା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଧାୟକ ପ୍ରାର୍ଥୀ ଆଶିଷ ପାତ୍ର, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାପାତ୍ର,ଜିଲ୍ଲା ବିଜେପି ଉପ ସଭାପତି କମଳ ଲୋଚନ ଦାସ, ମମତା ମହାପାତ୍ର,କରୁଣା କର ପଣ୍ଡା, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପ୍ରଦୀପ ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ଜିଲ୍ଲା ଗଣମାଧ୍ୟମ ସହ ସଂଯୋଜକ ରଣଜିତ୍ କୁମାର ପୃଷ୍ଟି,ଯୁବ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର, ଜିଲ୍ଲା ପ୍ରଭାରୀ ସ୍ମୃତି ରଞ୍ଜନ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା, ଉପ ସଭାପତି ନାରାୟଣ ମହନ୍ତ, ରଜେନ୍ ପରିଡା,ଦେବାଶିଷ ଆଚାର୍ଯ୍ୟ, ସମ୍ପାଦକ ସୌମ୍ୟ ଜିତ୍ ଦାସ ମହାପାତ୍ର, କୋଷାଧକ୍ଷ ସ୍ୱର୍ ଝଙ୍କାର ସେଠୀ, ଜିଲ୍ଲା ସାମାଜିକ ଗଣ ମାଧ୍ୟମ ସଂଜାଯୋକ ସୁମନ୍ତ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ, କର୍ଯ୍ୟ କ୍ରମର ପ୍ରାରମ୍ଭ ରେ ଯୁବ ମୋର୍ଚ୍ଚା ସଭାପତି ରାଜେଶ୍ ମହାପାତ୍ର ମଶାଲ ଜାଳି ଉଦ୍ଘାଟନ କରିଥିଲେ, କାରଗିଲ ରେ ସହିଦ୍ ହୋଇଥିବା ସମସ୍ତ ସହିଦ୍ ଙ୍କ ଉଦ୍ଦ୍ୟେଶରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା, ପୂର୍ବତନ ସୈନିକ ଯଥା କ୍ୟାପଟେନ ଅଶୋକ ଦାସ, ଅନନ୍ତ ଚରଣ ଦାସ, ଅଶୋକ କୁମାର ଜେନା, ପରେଶ୍ ଚନ୍ଦ୍ର ଶତପଥୀ, ମନ୍ମଥ କୁମାର୍ ନାୟକ ବିଶ୍ୱଜିତ୍ ଦାସ ପ୍ରମୁଖ ଙ୍କୁ ଯୁବ ମୋର୍ଚ୍ଚା ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା, ମଞ୍ଚାସିନ ନେତୃ ମଣ୍ଡଳୀ ଓ ପୂର୍ବତନ ସୈନିକ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରେ କାରଗିଲ ସହିଦ୍ ଙ୍କ ନିଷ୍ଠା ବଳିଦାନ ଓ ତତ୍ କାଳୀନ ପ୍ରଧାନ ମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଙ୍କୁ ମନେପକାଇ ଥିଲେ, କାର୍ଯ୍ୟକ୍ରମ ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା, ଓ ଶେଷ ରେ ସାଧାରଣ ସମ୍ପାଦକ ସ୍ୱାଧୀନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ, କାରଗିଲ ଯୁଦ୍ଧରେ ସହିଦ୍ ହୋଇଥିବା ୫୨୭ ଯବାନ ଙ୍କ ଉଦ୍ଦ୍ୟେଶ୍ ରେ ବାଲେଶ୍ୱର ୫୨୭ଟି ବୃକ୍ଷ ରପୋଣ କରାଯାଇ ସହିଦ୍ ଙ୍କ ନାମରେ ନାମ କରଣ କରାଯାଇ ସ୍ମୃତି ପାର୍କ କରିବାକୁ ପୂର୍ବତନ ସୈନିକ ଙ୍କ ଅନୁରୋଧ କୁ କାର୍ଯ୍ୟକାରୀ କରାଯିବ ବୋଲି କୁହା ଯାଇଥିଲା ।

# ଭିନ୍ନକ୍ଷମ ବିଦ୍ୟାଧର ସାହୁ ସାଜିଛନ୍ତି ମଣିଷ ସମାଜ ପାଇଁ ପ୍ରେରଣା



ବାଲିଆପାଳ/ଲଙ୍ଗଳେଶ୍ୱର, ୨୭/୭ (ନି.ପ୍ର): ପିଲା ଦିନରୁ ଇଛା ଥିଲା ଭଲ ପାଠ ପଢି ବଡ଼ ମଣିଷ ହେବେ । ଦେଶ ସେବା କରି ବିପା ମା ଙ୍କର ନାମ ରଖିବେ । ମାତ୍ର ନିୟତି ଲେଖି ଥିଲା ଅଲଗା କିଛି । ସବୁ ଅଶା ଆକାଂକ୍ଷା ପାଣି ଫୋଟକା ପରି ପାଣିରେ ମିଳେଇ ଗଲା । ଆମେ କହୁଛୁ ଏମିତି ଜଣେ ମଣିଷଙ୍କ ବିଷୟରେ ଯାହାଙ୍କର କିଛି କରିବାର ସ୍ୱପ୍ନ ବାସ୍ତବତା ଠୁ ବହୁ ଦୂରକୁ ନେଇଗଲା । ସେ ଆଉ କେହି ନୁହଁନ୍ତି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ମହିଷାମୁଣ୍ଡା ଗ୍ରାମର ଭିନ୍ନ କ୍ଷମ ବିଦ୍ୟାଧର ସାହୁ (୬୧) । ଜନ୍ମରୁ ସେ ବେଶ୍ ହୃଷ୍ଟ ପୁଷ୍ଟ ଥିଲେ, ପାଠ ଖେଳକୁଦରେ ମଧ୍ୟ ଅନ୍ୟ ପିଲାଙ୍କ ଠାରୁ ଆଗୁଆ ରହି ଥିଲେ । ବିଦ୍ୟାଧର ହଠାତ ଏକ ଅଜଣା ଜ୍ୱରରେ ପିଡୀତ ହେଲେ । ପରେ ପରେ ତାଙ୍କର ଗୋଡ଼ ହାତ ସବୁ ଅକାମୀ ହୋଇଯାଇଥିଲା । ସେତେବେଳେ ପରିବାରର ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଲେ । ଚାଲିବା, ବସିବା ବୁଲିବା ପରିବର୍ତ୍ତେ ସେ କେବଳ ଦୀର୍ଘ ସମୟ ଧରି ଶୋଇ ରହିଲେ । ଭିନ୍ନକ୍ଷମ ହୋଇଥିଲେ ମଧ ନିଜକୁ ଅସହାୟ ମନେ କରନ୍ତି ନାହିଁ ବିଦ୍ୟାଧର । ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା ସେ ଶୋଇ ରହି ଏକ ବାଡି ସାହାଯ୍ୟ ରେ ମୋବାଇଲ୍ ନମ୍ବର୍ ଡାଏଲ କରି ବନ୍ଧୁ ବାନ୍ଧବ, ଡାକ୍ତରଙ୍କ ପାଖକୁ ଯିବା ପାଇଁ ଗାଡ଼ିର ବ୍ୟବସ୍ଥା ନିଜେ କରିପାରନ୍ତି । ଶହେରୁ ଅଧିକ ନମ୍ବର ତାଙ୍କ ମୁଁହରେ ଅଛି । ଶ୍ରାଦ୍ଧ ଶାନ୍ତି ହେଉ କି ଝିଅ ବାହାଘର ହେଉ ପାଞ୍ଜି ଦେଖି ତାରିଖ ନିର୍ଦ୍ଧାରଣ କରିପାରନ୍ତି । ଗାଁ ରେ କୌଣସି ସମସ୍ୟା ଉପୁଜିଲେ ମୁଖିଆମାନେ ମଧ ତାଙ୍କ ପାଖକୁ ପରାମର୍ଶ ପାଇଁ ଆସନ୍ତି । ଏଥିପାଇଁ ଗ୍ରାମବାସୀ ମାନଙ୍କ ପାଖରେ ସେ ପ୍ରିୟଭାଜନ ହୋଇପାରିଛନ୍ତି । ତାଙ୍କ ପରିବାର କହିଲେ ତାଙ୍କର ଜଣେ ବିଧବା ଭଉଣୀ, ବଡ଼ ଭାଇ, ଭାଉଜ ଓ କେତେ ଜଣ ପୁତୁରା । ତାଙ୍କର ସେବା ଶୁଶ୍ରୁଷାରେ ଯେମିତି କିଛି ଅବହେଳା ନ ହୁଏ ସେଥିପାଇଁ ପରିବାରର ସମସ୍ତେ ଯତ୍ନବାନ ବୋଲି ବିଦ୍ୟାଧର କହିଛନ୍ତି । ସରକାରଙ୍କ ଠାରୁ ଯାହା କିଛି ସହାୟତା ପାଉଛନ୍ତି ସେତକ ସମୁଦ୍ରକୁ ଶଙ୍ଖେ ପରି । ମେଡ଼ିକାଲ, ଔଷଧ, ଗାଡ଼ି ଭଡ଼ା ଇତ୍ୟାଦିରେ ବିଦ୍ୟାଧରଙ୍କ ଗୁଡ଼ାଏ ଖର୍ଚ୍ଚ ହୁଏ । ଦୀର୍ଘ ଦିନ ଶୋଇ ରହିବା ତାଙ୍କୁ ଏବେ ବହୁତ ଯନ୍ତ୍ରଣା ଦେଉଛି । ସେ ସରକାରଙ୍କୁ ନିବେଦନ କରିଛନ୍ତି ଗୋଟିଏ ସ୍ୱତନ୍ତ୍ର ଗାଡ଼ି ତାଙ୍କୁ ଦେବା ପାଇଁ । ଯାହା ଦ୍ୱାରା ସେ ଟିକେ ବାହାରେ ବୁଲାବୁଲି କରିପାରନ୍ତେ । ବିଦ୍ୟାଧରଙ୍କୁ ଉତ୍ତମ ଚିକିତ୍ସାର ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ହୀରକ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ , ୨୭/୭ (ନି.ପ୍ର): ବେତନଟୀ ସ୍ଥିତ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଗାମୀ ହୀରକ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ମହେଶ୍ୱର ପଣ୍ଡା, ଗଦାଧର ପରିଡା, ଆଲୁମିନି କମିଟି ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ତପନ କୁମାର ପରିଡା ଉପସ୍ଥିତ ରହି ସ୍କୁଲର ଉନ୍ନତିକରଣ ଦିଗରେ ନିଜ ନିଜର ମତାମତ ଦେଇଥିଲେ । ଆଗାମୀ ଦିନରେ ସ୍କୁଲର ଉନ୍ନତି ନିମନ୍ତେ ପଦକ୍ଷେପ ନେବା ସହ, ସ୍କୁଲର ଜବରଦଖଲ ଜାଗାକୁ ଜବରଦଖଲ ମୁକ୍ତ ନିମନ୍ତେ ପଦକ୍ଷେପ, ଆଗାମୀ ହୀରକ ଜୟନ୍ତୀ ପାଳନ ଏଭଳି ଅନେକ ଗୁଡିଏ ଦାବି ଗୁଡିକ ନେଇ ଆଲୋଚନା ହୋଇଥିଲା । ହୀରକ ଜୟନ୍ତୀ ପାଳନ ପାଇଁ ଆଗାମୀ ଅଗଷ୍ଟ ମାସ ୧୮ ତାରିଖ ଦିନ ୩ ଟା ସମୟରେ ଏକ ପୁରାତନ ଛାତ୍ରଙ୍କୁ ନେଇ ବିଶାଳ ସଭାର ଆୟୋଜନ କରାଯିବା ନେଇ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସୁନ୍ଦର ମୋହନ ମହାନ୍ତ, ସମାଜସେବୀ ସତୀଶ ଚନ୍ଦ୍ର ସାହୁ, ପ୍ରକାଶ ବେହେରା, ଚନ୍ଦ୍ର ଶେଖର ବେରା, ଅନୁପ ଦଣ୍ଡପାଟ,ନରୋତ୍ତମ ମହାନ୍ତ , ସୁଶାନ୍ତ କୁମାର ବଳା, ଉଦିତ କୁମାର ପରିଡା, ଜନମନ ବେହେରା, ଭାଗିରଥ ମିସ୍ତ୍ରୀ, ମନୋଜ କୁମାର ଓଡା, ଈଶ୍ୱର ଚନ୍ଦ୍ର ମହାପାତ୍ର, ଶିରୀଶ ଚନ୍ଦ୍ର ବାରିକ, ସୁନୀଲ କୁମାର ଖଣ୍ଡେଲୱାଲ, ଜ୍ଞାନ ରଞ୍ଜନ ବେହେରା, ସତ୍ୟକାମ ପଣ୍ଡା, ସଞ୍ଜୟ କୁମାର ମଢୁଆଳ, ନରୋତ୍ତମ ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର, ଲକ୍ଷ୍ମୀକାନ୍ତ ମହାନ୍ତ, ରତିକାନ୍ତ ବେହେରା,ସୁବାସ ଚନ୍ଦ୍ର ଦାସ, କେ ସି ମହାନ୍ତିଙ୍କ ସମେତ ଅନେକ ଆଲୁମିନି ସଦସ୍ୟ ଉପସ୍ଥିତ ରହିଥିଲେ ।

# ବଲାଙ୍ଗିର ରାମ ଚରିତ ମାନସ ମନ୍ଦିର ମହାଦେବ ମନ୍ଦିରରେ ଗଙ୍ଗା ଜଳାଶାୟୀ

ବଲାଙ୍ଗିର, ୨୭/୭ (ନି.ପ୍ର): ସ୍ଥାନୀୟ ରାମ ଚରିତ ମାନସ ମନ୍ଦିର ସ୍ଥିତ ମହାଦେବ ମନ୍ଦିରରେ ଆଜି ଶ୍ରାବଣ ଧାର୍ମିକ ମାସ ଉପଲକ୍ଷେ ଗଙ୍ଗା ଜଳଶାୟୀ ଅନୁଷ୍ଠିତ ହୋଇଥିଲା । ସକାଳ ୧୧ ଘଣ୍ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟବସାୟୀ ପୁରନ ମଲ ଅଗ୍ରୱାଲଙ୍କ ପରିବାର ପକ୍ଷ୍ୟରୁ ଉତ୍ତରପ୍ରଦେଶ ଆଲାହାବାଦରୁ ଟେଙ୍କର ଯୋଗେ ଅଣା ଜାଇ ଶ୍ରାବଣ ମାସର ଶିବଙ୍କ ପୂଜା ଉପଲକ୍ଷେ ଏହା କରାଯାଇଥିଲା । ଗତ କିଛବର୍ଷ ହେଲା ନିୟମିତ ପୁରଣ ବାବୁଙ୍କ ପରିବାର ଏହା ଆୟୋଜିତ କରୁଥିବା ବେଳେ ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ, ମହିଳା ସମ୍ମିଳନୀ ସଦସ୍ୟ ମାନେ ସହଯୋଗ କରି ଆସୁଛନ୍ତି । ଦିନ ଗୋଟାଏରେ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଜୁଲାଇ ୨୦୨୪
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୬୧**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ହାଣି ହାଣି ଲଙ୍କପତି କ୍ଲାନ୍ତ ହୋଇ ପଡୁଥିବାର ଦେଖି ହନୁମାନ କହିଥିଲେ "ଲଙ୍କପତି ଦଶମୁଣ୍ଡର ଅଧିକାରୀ ହୋଇ ମଧ୍ୟ ତୁ ଗୋଟାଏ ବାନରକୁ ମାରିପାରିଲୁ ନାହିଁ । ବ୍ରହ୍ମା ବଳରେ ପରା ବଳୀୟାନ ତୁ । ତୋପରି ଦଶ ସହସ୍ର ରାବଣ ଏକତ୍ର ହେଲେ ମଧ୍ୟ ମୋ ଦେହରୁ ଗୋଟାଏ ରୋମ ମଧ୍ୟ ଉପାଡ଼ି ନେଇ ପାରିବେ ନାହିଁ ।

ହନୁମାନର କଥା ଶୁଣି କ୍ଲାନ୍ତ ଲଙ୍କପତି ପଚାରିଲେ, 'ତୁ କ'ଣ ଅମର ବର ପାଇଛୁ ମାଙ୍କଡ଼ ? ଲଙ୍କାର ସମସ୍ତ ଶକ୍ତି ତୋ ନିକଟରେ ହାର ମାନିଲେଣି ।'

ରାବଣର କଥା ଶୁଣି ହନୁମାନ ହସିହସି କହିଥିଲେ, 'ରାବଣ ! ଯାହାର ଜନ୍ମ ଅଛି ତାର ମୃତ୍ୟୁ ମଧ୍ୟ ସେମିତି ଅଛି । ମୁଁ ଜନ୍ମିଛି ଯେତେବେଳେ ମରିବି ନିଶ୍ଚିତ । ହେଲେ ଏମିତି ଅସ୍ତ୍ରଶସ୍ତ୍ରରେ ମୁଁ ମରିବି ନାହିଁ ।'

ତେବେ ତୁ କେମିତି ମରିବୁ ବାନର ?

ଅଗ୍ନି । କେବଳ ଅଗ୍ନିରେ ମୁଁ ପୋଡ଼ି ମରିବି ?

ଏକଥା ଶୁଣି ରାବଣ ଅଟ୍ଟହାସ୍ୟ କରି କହିଥିଲା, ପୋଡ଼ି ପକାଅ, ପୋଡ଼ିପକାଅ । ଅଗ୍ନି ଜାଳି ଏ ବାନରକୁ ପୋଡ଼ି ପକାଅ ।

ରାବଣର କଥା ଶୁଣି ଖୁବ୍ ଜୋରରେ ହସି ହନୁମନ୍ତ କହିଥିଲା, ତୋ ଲଙ୍କାନଗ୍ରରେ ଯେତେ ବୃକ୍ଷଲତା ଅଛି ସେ ସମସ୍ତଙ୍କୁ ଏକତ୍ର କରି ମୋତେ ପୋଡ଼ିଲେ ମଧ୍ୟ ମୁଁ ପୋଡ଼ି ମରିବି ନାହିଁ ।

ଆଶ୍ଚର୍ଯ୍ୟ ତୁ ବାନର । ଏବେ କହୁଛୁ ଅଗ୍ନିରେ ତୋର ମୃତ୍ୟୁ ଲେଖା ଅଛି । ପୁଣି କହୁଛୁ ସାରା ଲଙ୍କାର ଯେତେ ବୃକ୍ଷ ରହିଛି ସେ ସମସ୍ତ ବୃକ୍ଷର କାଷ୍ଠକୁ ଏକତ୍ର କରି ଅଗ୍ନି ଲଗାଇଲେ ମଧ୍ୟ ତୁ ମରିବୁ ନାହିଁ ।

ଯାହା ସତ୍ୟ ତାହା ମୁଁ କହୁଛି ଲଙ୍କପତି । ମୋ ଶରୀରରେ ନିଆଁ ଲଗାଇଲେ ମୁଁ ମରିବି ନାହିଁ ।

ମୋ ମୃତ୍ୟୁର ରାସ୍ତା, ମୁଁ ତୋତେ ଦେଖାଇ ଦେଉଛି । ତୋର ସୈନ୍ୟସାମନ୍ତ ଯଦି ମୋର ଏହି ଲାଙ୍ଗୁଳରେ ଅଗ୍ନି ସଂଯୋଗ କରିଦେଇ ପାରିବେ, ତାହେଲେ ମୋର ମୃତ୍ୟୁ ସୁନିଶ୍ଚିତ । ମୋର ବନ୍ଧନ ଫେଡ଼ିଦେଇ, ମୋ ଲାଙ୍ଗୁଡ଼ରେ ବସ୍ତ୍ର ଗୁଡ଼ାଇ ତହିଁରେ ତୈଳ ସଂଯୋଗ କରି ଅଗ୍ନି ଲଗାଇ ଦିଅ, ମୁଁ ପୋଡ଼ି ମରିଯିବି ।

ହନୁମାନର କଥାଶୁଣି ଖୁବ୍‌ଜୋରରେ ହସି ରାବଣ କହିଥିଲା, ମୋତେ କ'ଣ ମୂର୍ଖ ମଣିଛୁ ବାନର । ତୋର ବନ୍ଧନ ଫେଡ଼ିଦେଲେ ତୁ ଲମ୍ଫ ପ୍ରଦାନ କରି ପଳାୟନ କରିବୁ । ସୈନ୍ୟମାନେ ଏ ବାନରକୁ ଏମିତି ବାନ୍ଧିରଖି, ତା ଲାଙ୍ଗୁଡ଼ରେ କିଛି ବସ୍ତ୍ର ଗୁଡ଼ାଇ ଦିଅ । ତହିଁରେ ତୈଳ ଦେଇ ଅଗ୍ନିସଂଯୋଗ କର । ଏଇ ବନ୍ଧନ ଅବସ୍ଥାରେ ସେ ଏଇଠି ପୋଡ଼ିମରିବ । ତୁମେମାନେ ତାର ଚିତ୍କାର ଶୁଣି ଢୋଲ ବଜାଇବ । ଆନନ୍ଦ ମନାଇବ। ଦେଖିବ ଏ ବାନର କେମିତି ନିଜ ମୃତ୍ୟୁକୁ ନିଜେ ଡାକି ଆଣୁଛି ।

ରାବଣର ଆଦେଶ ପାଇ ସୈନ୍ୟମାନେ ସଂଗେସଂଗେ ହନୁମାନର ଲାଙ୍ଗୁଡ଼ରେ ବସ୍ତ୍ର ଗୁଡ଼ାଇ, ତହିଁରେ ତୈଳ ଦେଇ ଅଗ୍ନି ଲଗାଇ ଦେଇଥିଲେ । ହୁ ହୁ ହୋଇ ହନୁମାନର ଲାଙ୍ଗୁଡ଼ ଜଳିବାକୁ ଲାଗିଲା । ତାଳିମାରି, ଢୋଲବଜାଇ ନାଚିବାକୁ ଲାଗିଥିଲେ ରାବଣର ସୈନ୍ୟମାନେ। ଏ ଦୃଶ୍ୟ ଦେଖି ଅଟ୍ଟହାସ୍ୟ କରୁଥାଏ ରାବଣ । ଅଗ୍ନି ଯେତେବେଳେ ଜଳିଜଳି ହନୁମାନର ଶରୀରକୁ ଗ୍ରାସ କରିବାକୁ ଲାଗିଲା, ସେତେବେଳେ ହନୁମାନ ଜୟ ଶ୍ରୀରାମ, ଜୟ ଶ୍ରୀରାମ ଧ୍ୱନି ଦେଇ, ନିଜ ଶରୀରକୁ ବଢ଼ାଇବାରେ ଲାଗିଲେ । ସେ ଏମିତି ବଢ଼ିଲେ ଯେ, ଲଙ୍କପତିର ସୈନ୍ୟମାନେ ହନୁମାନଙ୍କୁ ବନ୍ଧନ କରିଥିବା ରଜ୍ଜୁ ଖଣ୍ଡଖଣ୍ଡ ହୋଇ ଛିଡ଼ିପଡ଼ିଲା । ଏକ ପ୍ରଳୟଙ୍କରୀ ରୂପଧାରଣ କରି ହନୁମାନ, ଜୟ ଶ୍ରୀରାମ, ଜୟ ଶ୍ରୀରାମ କହି ଏକା ଲମ୍ଫକେ ଲଙ୍କପତିର ଅଟ୍ଟାଳିକା ଚୂଡ଼ାରେ ଯାଇ ଉଭା ହେଲେ । ଏହାପରେ ଯାହା ହେଲା ତୁମେ ଅନୁମାନ କର ସୁଧାମୟୀ । ତ୍ରିଜଟା କହୁଥିଲା କାଳବିଳମ୍ବ ନକରି ହନୁମାନ ଏ ଗୃହରୁ ସେ ଗୃହ ସେ ଗୃହରୁ ଅନ୍ୟ ଏକ ଗୃହକୁ ଡେଇଁଡେଇଁ ସମଗ୍ର ଲଙ୍କାନଗ୍ରରେ ଅଗ୍ନିସଂଯୋଗ କରିଦେଇ, ରାମ ନାମ ତୁଣ୍ଡରେ ଧରି ସମୁଦ୍ର ଲଂଘି ଚାଲି ଯାଇଥିଲେ ।

ଜଳିଗଲା, ପୋଡ଼ିଗଲା, ଧ୍ୱନିରେ ଲଙ୍କା କମ୍ପିଉଠିଥିଲା । ସେ ଅଗ୍ନିକୁ ଲିଭାଇବା ପାଇଁ ଯେତେ ଚେଷ୍ଟାକଲେ ବି ତାହା ଲିଭିଲା ନାହିଁ । ଚାହୁଁ ଚାହୁଁ ପୋଡ଼ି ଭସ୍ମ ହୋଇଗଲା ରାବଣର ସ୍ୱର୍ଣ୍ଣ ଲଙ୍କା ପୁରୀ ।

ତ୍ରିଜଟା ମୁଖରୁ ଏ ଖବର ଶୁଣୁଶୁଣୁ ମୋ ଦୁଇ ଆଖିରୁ ଅଶ୍ରୁ ଝରି ପଡୁଥିଲେ ବି ଅଧରରେ ମୋ ଅଜାଣତରେ ଝରିପଡୁଥାଏ କ୍ଷୀଣ ହସର ଧାରାଟିଏ । ପ୍ରଭୁ ମୋର ତାଙ୍କ ଶକ୍ତିର ପ୍ରଥମ ସଂକେତ ଦେଇଗଲେ ରାବଣକୁ ।

ମୋ ଚକ୍ଷୁରୁ ଅଶ୍ରୁ ପୋଛିଦେଇ ତ୍ରିଜଟା କହୁଥାଏ ସ୍ୱର୍ଣ୍ଣଲଙ୍କାରେ ଧ୍ୱଂସର ତାଣ୍ଡବ ଲୀଳା ଆରମ୍ଭ ହେଲା ମାଆ ସୀତା । ତୋ ଚକ୍ଷୁର ଅଗ୍ନିରେ ପୋଡ଼ି ଛାରଖାର ହୋଇଯିବ ରାବଣର ସ୍ୱର୍ଣ୍ଣଲଙ୍କା। ସେହି ଅଗ୍ନିରେ ଦିନେ ମରିବ ଏ ମହାପାପୀ ଅତ୍ୟାଚାରୀ ଦଶଶିର ।

**॥ ତେର ॥**

ଶୀତଦିନର କାକର ଭିଜା ସକାଳ । ପୂର୍ବଦିଗରେ ସିନ୍ଦୂରା ଫାଟିଫାଟି ଆସୁଥାଏ । କାକ, ପିକ, ଖଞ୍ଜରୀଟଙ୍କ କାକଳିରେ ପୂର୍ଣ୍ଣ ହୋଇ ଉଠୁଥାଏ ଅଶୋକକାନନ । ଠପ୍ ଠପ୍ କରି କାକର ବିନ୍ଦୁ ଖସି ପଡୁଥାଏ ବୃକ୍ଷଲତା ମାନଙ୍କରୁ। ପ୍ରଭାତର ଈଷତ୍ ଶୀତବୋଳା ପବନ ଅଂଗରୁ ଅଳସକୁ ହରଣ କରି ନେଉଥାଏ । ହରିଣ ଶାବକ ମାନେ ଡେଇଁ ବୁଲୁଥାନ୍ତି ଅଶୋକବେଦୀ ଚାରିପାରୁଶରେ । ମର୍କଟମାନେ ହାଇ ମାରୁଥାନ୍ତି ବୃକ୍ଷଡାଳରେ ସକାଳକୁ ସ୍ୱାଗତ ଜଣାଇ । ସୂର୍ଯ୍ୟାଲୋକ ଭୂପତିତ ହେବାମାତ୍ରେ ସେମାନେ ଡେଇଁ ବୁଲିବେ ଏ ଡାଳରୁ ସେ ଡାଳକୁ । କୁମ୍ଭାଟୁଆମାନଙ୍କର ଡାକରେ ନିଦ୍ରାତେଜି ଉଠି ଆସୁଥାନ୍ତି ଲଙ୍କପତିଙ୍କର ଆଜ୍ଞାବହନକାରୀ ଦାସୀଗଣ । କେତେଜଣ ଆସି ବଉଳଗଛ ମୂଳରେ ଛିଡ଼ାହେଲେଣି, କିଛି ଆଦେଶ ଅପେକ୍ଷାରେ ରହିଥାନ୍ତି । ସେଦିନ କାହିଁକି ସକାଳର ବାତାବରଣଟା ଭାରି ପ୍ରୀତିପଦ ଲାଗୁଥାଏ ପ୍ରୀତିଦା । ମୁଁ ନିଦ୍ରାତ୍ୟାଗ କରି ମାତା ତ୍ରିଜଟା ରଖିଦେଇ ଯାଇଥିବା କଳସରୁ ପାଣିନେଇ ମୁଖ ଧୌତ କରି ମନେମନେ ସ୍ମରଣ କରୁଥାଏ ମୋ ପତି ଦେବତାଙ୍କୁ । ମନ କନ୍ଦରରେ ମୋର ଆଶାର ତରଂଗ । ସାରା ଲଙ୍କାରେ ସେତେବେଳକୁ ପ୍ରଚାର ହୋଇ ସାରିଲାଣି ମୋ ସ୍ୱାମୀ ସମୁଦ୍ରରେ ପଥର ବନ୍ଧଟିଏ ନିର୍ମାଣ କରିସାରିଛନ୍ତି । ଖୁବ୍ ଅଳ୍ପଦିନ ମଧ୍ୟରେ ସେ ଲଙ୍କା ଆକ୍ରମଣ କରିବେ ।

ପଥରବନ୍ଧ । ପୁଣି ସମୁଦ୍ରଗର୍ଭରେ । ଏହା ସମ୍ଭବ ହେଲା କେମିତି ? କେତେ ତାଳ ଗଭୀର ସମୁଦ୍ର, ତାର କଳନା ନାହିଁ । ସେ ସମୁଦ୍ରକୁ ମୋ ସ୍ୱାମୀ ପଥରରେ ବାନ୍ଧିଦେଲେ କେମିତି ?

(କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

---

## ଚଳନ୍ତିକା



# ଆମ ନେତାଙ୍କ ବାଦୀ ପାଲା

### ସୁବ୍ରତ ପଟ୍ଟନାୟକ

ଆମ ନେତା, ମନ୍ତ୍ରୀ, ପାଲା ଦାସକାଠିଆ ଦେଖନ୍ତି କି ନାହିଁ ଆମେ ଜାଣୁନା । ତେବେ ସେମାନେ ବେଳେବେଳେ ଯେଉଁ ନାଚ କୀର୍ତ୍ତନ କରନ୍ତି, ତାହା ବାଦୀପାଲାଠୁ ବି ବଳିଯାଏ । ଚଳିତ ବିଧାନସଭା ଅଧିବେଶନରେ ଆମେ ସେମିତି ସୁଆଙ୍ଗ ଦେଖିଲୁ । ସିଧାସଳଖ ଯିବା ପ୍ରସଙ୍ଗକୁ। ଆସିଲେ ନୂଆ ସରକାର । ଆରମ୍ଭ ହେଲା ବଜେଟ୍ ଅଧିବେଶନ । ଚଳିତ ଜୁଲାଇ ୨୨ ତାରିଖରେ ଓଡ଼ିଶା ରାଜ୍ୟପାଳ ରଘୁବର ଦାସ ବିଧାନସଭାରେ ଦେଲେ ନିଜର ଅଭିଭାଷଣ । ରଘୁବର ପଦେ ଦିପଦ କହିଛନ୍ତି କି ନାହିଁ, ନିଜ ଆସନରୁ ଉଠିଲେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । କହିଲେ- ରାଜ୍ୟପାଳଙ୍କ ପୁଅ ଲଳିତ ଦାସ ଯେଉଁ ଗୁଣ୍ଡାଗିରି କରିଛନ୍ତି, ତାର କାର୍ଯ୍ୟାନୁଷ୍ଠାନ ବାବଦରେ ସରକାର ଉତ୍ତର ଦିଅନ୍ତୁ । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡମ୍ ଓ ଅନ୍ୟ ସଦସ୍ୟ ତାଙ୍କ ସହିତ ଯୋଗ ଦେଲେ । ଚାଲିଲା ହୋ-ହଲ୍ଲା, ନାରାବାଜି । ବାଚସ୍ପତି ସୁରମା ପାଢ଼ୀ ସେମାନଙ୍କୁ ଗୃହରେ ଶୃଙ୍ଖଳା ରକ୍ଷା କରିବାକୁ କଲେ ଅନୁରୋଧ । ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ ଶୁଣିଲେ ନାହିଁ । କଲେ କକ୍ଷତ୍ୟାଗ । ବଜେଟ୍ ଅଭିଭାଷଣ ଶେଷ ହେବା ପରେ ଶୋକ ପ୍ରସ୍ତାବ ଆଗତ ହୋଇ ଗୃହକୁ କରାଗଲା ମୁଲତବୀ ।

ପାଠକଙ୍କୁ ଟିକେ ମନେ ପକାଇଦେବା ପୂର୍ବ ଘଟଣା । ଗତ ଜୁଲାଇ ୭ ତାରିଖ ରାଜ୍ୟପାଳଙ୍କ ପୁଅ ପୁରୀ ରାଜଭବନରେ କାର୍ଯ୍ୟରତ ଜଣେ ଅଫିସରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଉକ୍ତ ଅଫିସରଙ୍କ ପତ୍ନୀ ପୁରୀ ସମୁଦ୍ରକୂଳ ଥାନରେ କରିଛନ୍ତି ଅଭିଯୋଗ । ଘଟଣା ପରେ ରାଜ୍ୟପାଳ କରିଛନ୍ତି ଦୁଃଖ ପ୍ରକାଶ । ସେ କହିଛନ୍ତି- ରାଜଭବନର ପ୍ରତ୍ୟେକ କର୍ମଚାରୀ ମୋ ପରିବାରର ସଦସ୍ୟ ଭଳି । ଏହା ଏକ ପାରିବାରିକ ସମସ୍ୟା କହିଲେ ଭୁଲ୍ ହେବ ନାହିଁ । ତେବେ ଘଟଣାର ଖୁବ୍ ଶୀଘ୍ର ସମାଧାନ ଘଟିବ । ମାତ, ଘଟଣାକୁ ଗଣ୍ଠି ପକାଇ ଧରିଛନ୍ତି ବିରୋଧୀ ଦଳ। ବିଧାନସଭା ବାହାରେ ନବୀନ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି- ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ କୌଣସି ମନ୍ତ୍ରୀ, ବିଧାୟକ, ଆଇଏଏସ୍, ଆଇପିଏସ୍ ଅଫିସରଙ୍କ ଅନ୍ୟାୟକୁ ବରଦାସ୍ତ କରି ନାହାନ୍ତି । ଘଟଣାକୁ କେନ୍ଦ୍ର କରି ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନରେ କେତେକ ଗୃହକାର୍ଯ୍ୟକୁ ଅଚଳ କରାଗଲା । ବିଧାନସଭାରେ ପ୍ରତ୍ୟେକ ସଦସ୍ୟଙ୍କର ସ୍ୱର ଉତ୍ତୋଳନ କରିବାର ଅଧିକାର ରହିଛି । ତାହା ସ୍ୱାଗତଯୋଗ୍ୟ । ନିରବଚ୍ଛିନ୍ନ ଚବିଶ ବର୍ଷ ମୁଖ୍ୟମନ୍ତ୍ରୀ ଆସନରେ ଥିବା ନବୀନ ଏବେ ବିରୋଧୀ ଦଳ ନେତା ଚୌକିରେ । ଝଟ୍‌କା ନିଶ୍ଚୟ ଲାଗୁଥିବ ।

> **ପୁରୀ ରଥଯାତ୍ରା ଭିଆଇପି ମଞ୍ଚରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ନବୀନଙ୍କୁ ଆମେ ଏକାଠି ଦେଖିଛୁ । ଆନନ୍ଦରେ ସେମାନଙ୍କର କିଭଳି କରମର୍ଦ୍ଦନ, କୋଳାକୋଳି !! ମାତ୍ର ବିଧାନସଭା ଗୃହ ଭିତରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା ।**

ବାସ୍ତବ କଥା ଦିପଦ ଲେଖି ଏହି ସ୍ତମ୍ଭ ଶେଷ କରିବା । ଜଣେ ସରକାରୀ ଅଫିସରଙ୍କୁ ଦୁର୍ବ୍ୟବହାର କରାଯିବା ପ୍ରତିବାଦରେ କଣ ଗୃହକାର୍ଯ୍ୟ ଅଚଳ କରାଯିବ ? ଗୋଟିଏ ଦିନ ଗୃହ ଅଚଳ ରହିଲେ କେତେ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି, ତାହା କଣ ତାଙ୍କୁ ଜଣାନାହିଁ ? ନବୀନ ପଛକଥା ଟିକେ ମନେ ପକାନ୍ତୁ । ସେ ନିଜେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରଘୁବର ଥିଲେ ଓଡ଼ିଶାର ରାଜ୍ୟପାଳ। ସେ ସମୟରେ କଣ ଏହାଠୁ ବଳି କାଣ୍ଡ ଘଟିନାହିଁ ? ତତ୍‌କାଳୀନ ମନ୍ତ୍ରୀ ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ରଙ୍କ ପୁଅ ବିରୋଧରେ ଦିଆଯାଇଥିଲା ହତ୍ୟା ଏତଲା । ସେତେବେଳେ ନବୀନ ରହିଥିଲେ ଚୁପ୍ । କ୍ୟାବିନେଟ୍ ମନ୍ତ୍ରୀ ନବ ଦାସ, ମମିତା ମେହେର ହତ୍ୟାକାଣ୍ଡ ଭଳି ରହିଛି ଅନେକ ଜ୍ୱଳନ୍ତ ଉଦାହରଣ। ଏବେ ନବୀନଙ୍କ ଟାର୍ଗେଟ୍ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ। ରାଜ୍ୟପାଳଙ୍କ ପୁଅ କେବଳ ଆଳ। ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୋହନ । ତଥାପି ନଛୋଡ଼ବନ୍ଧା ନବୀନ । ପୁରୀ ରଥଯାତ୍ରା ଭିଆଇପି ମଞ୍ଚରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ନବୀନଙ୍କୁ ଆମେ ଏକାଠି ଦେଖିଛୁ । ଆନନ୍ଦରେ ସେମାନଙ୍କର କିଭଳି କରମର୍ଦ୍ଦନ, କୋଳାକୋଳି !! ମାତ୍ର ବିଧାନସଭା ଗୃହ ଭିତରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ଆମକୁ ବଡ଼ ବିଚିତ୍ର ଲାଗୁଛି । ହେଉ, ଆଜି ଏତିକି । ଜୟ ଜଗନ୍ନାଥ ।

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

---

## କବିତା...

## ॥ ମାଟି ମନସ୍କ ॥

### ● ପଲ୍ଲବୀ ଦାସ



ତମେ ଦିନେ ସକାଳ ହେଇ
ମୋ ଆଗରେ ଛିଡା ହେଇଥିବ
କାକୁସ୍ଥ ହେବା ଆଗରୁ
ଭର୍ତ୍ତି କରି ଦେଉଥିବ ମନ
ମାଗିବା ଆଗରୁ ମୋ ଅଣ୍ଟା ରେ
ଖୋସି ଦେଇ ପାରୁଥିବ ଇନ୍ଦ୍ରଧନୁ।

ପଳାଶ ଫୁଲର ଲୋଭ ନେଇ ମୋର ଜନ୍ମ,
ଜନ୍ମକୁ ହାତ ବୁଲେଇ ଆଦର କରିବାରେ
ଯୋଉ ସୁଖ, ସେତିକି ଆଜି କ୍ଷୀଣ ।

ଦିଗ ବିଦିଗ
ଯେଣେ ଯାହା ଥାଉ,
ଝଡ଼ ଆସୁ କି ମହାବାତ୍ୟା
ନାରୀ ହୋଇ
ନିଜେ ଦିନେ ନଈ ହେବାର ଇଚ୍ଛା,
ଇଚ୍ଛା ବି ପାହାଡ ସମ କରି ଦେବାକୁ ହୃଦୟ
ତମେ ଜିତିବ ବୋଲି, ତମ ଅଜ୍ଞାତରେ କିନ୍ତୁ
ମୁଁ ବରି ସାରିଛି ମୋ ପରାଜୟ ।

କହି ପାରିବ, ମନେ ଅଛି କି
କେବେ ତମ ଭାଗର ସାତ ଏକର ଜମିକୁ,
କହିଛି ମୋ ନାଆଁରେ ଲେଖିଦେଇ ଯାଅ
କହିଛି କି ଗଲା କାର୍ତ୍ତିକରେ
ସୁମାତ୍ରାରୁ ଆଣିଥିବା
ସବୁ ବୈଦୂର୍ଯ୍ୟରେ କେବଳ ମୋର ହକ୍
ତମର ସବୁ କିଛି
କେବଳ ଆଉ କେବଳ ମୋର ...

ମନେ ଅଛି କି
ତମ ଲାଗି ଦିନେ ସଜ ହେଇ ଡେଇଁ ଆସିଥିଲି
ଏଗାର ଫୁଟ ଉଚ୍ଚତାର
ବାପାଙ୍କ ଛାତି ଉପରୁ ଏକା ଲମ୍ଫେ,
ବଡ ଭାଇର ସାଢେ ସତର ଫୁଟର
ଦମ୍ଭର ସରହଦ, ମାଁର ସାତତାଳ ବିଶ୍ୱାସ ।

ଦିନେ ସକଳ ରାଜଭୋଗକୁ
ସାତ ତାଳ ପଙ୍କରେ
ଦଳି ଦେଲି, ଘୁଙ୍ଗୁର ବଦଳରେ
ପାଉଁଜି ଶବଦେ ନିଜକୁ ଭୂଲିଲି
କିନ୍ତୁ, ପାରେ କି ନ ପାରେ
ଜାଣିବା ଆଗରୁ ସବୁ ହଜି ଯାଇଛି,
ଅପରାହ୍ନର ଛାଇ ପରି ବେଶ୍
ଲମ୍ବି ଯାଇଛି ପ୍ରାପ୍ତି ଓ ଅପ୍ରାପ୍ତିରେ
ଖୁନ୍ଦାଖୁନ୍ଦି ହେଉଥିବା ତାଡନା,
ଗୋଟେ ପଟେ ପ୍ରେମ ଓ
ଆରପଟେ ଅପେକ୍ଷାର
ଅନେକ ଯାତନା,
ଝୁଣ୍ଟି ପଡିଲେ ଛନ୍ଦିହୋଇ
ଫେରିବାର ବାଟ ପାଏନା।

ଇଚ୍ଛା ଓ ଅନିଚ୍ଛାର ଦ୍ୱନ୍ଦରେ
ବଦଳେଇ ନିଏ ମୋଡ଼ ,
ଏବେ ସମୟର ଭଉଁରୀରେ
ପାକଳ ହୋଇ ସାରିଛି ଅଭିମାନ
ମଶାଣିର ନୀରବତା ପରି
ନୀରବି ଯାଇ ଆକ୍ରାନ୍ତ ହୋଇ ସାରିଛି
ଅଭିମାନ ମିଶା କୋହ,
ଭାରରେ ବୁହା ହୋଇ
ଜଙ୍ଗଲ ମୁହାଁ ପରି ଲାଗେ ଏବେ
ଦେହ ଓ ମନ ।

ତମେ ଏଣେ ଆକାଶ ମୁହାଁ,
ମୁଁ କିନ୍ତୁ ମାଟିମନସ୍କ ଚିରଦିନ...।

❤ ଜୁନାଗଡ଼, କଳାହାଣ୍ଡି

## ॥ ମେଘ ॥

### ● ସୁରେନ୍ଦ୍ର ପାଣିଗ୍ରାହୀ



ନଈ ଆରପାଖେ କିଏ ସେ ବାଟୋଇ ଡାକେ ତୁହାଇ ତୁହାଇ
କଳାହାଣ୍ଡିଆ ଏ ମେଘ ଘୋଟିଆସେ
ନେବକି ସତେ ଭସେଇ !

ଗୋଡ ଖସିଗଲେ ପଡିବି ଅଝାଳେ ବସିଅଛି ଅଠାକାଠି
ନିପାଣିଆ ମେଘ ନିଥର କୁଟୀରେ ଖୋଲା ପଡିଅଛି ତାଟି ।
ନାଆରେ ବସେଇ ଛାଡିଦେଲ ମୋତେ
ଆଗରେ ଘୁରେ ଭଉଁରି
ଅଝାଳେ ପିଟଇ ମେଘ ଓ ପବନ କାହିଁ କେଉଁଠି ନାଉରୀ !

ତୁମେ ଗାଉଥିଲ ମୁଁ ବି ଗାଇଲି ଜୀବନ ବେସୁରା ଗୀତ
କେତେଝଡ କେତେ ବରଷାରେ ଭିଜି ଚାଲୁଥିଲେ ଧରି ହାତ ।
ସାହାନାଇ ବାଜେ ତନୁମନ ସାଜେ ବହେ ସୁଲୁସୁଲୁ ବାଆ
ଜୀବନ ଜଂଜାଳ ଡଙ୍ଗା ବୁଡିଯାଏ ମେଘରେ ନଦିଶେ ରାହା ।

ଜଳି ଲିଭିଲାଣି ମୋ ଜୀବନ ଜୁଇ ଛିଣ୍ଡିଲାଣି ବୀଣା ତାର
ଭୋଦେଇ ପବନେ ଭାସିଆସେ ମେଘ କରିବାକୁ ନାରଖାର ।

❤ ପ୍ଲଟ ନଂ-୧୫୩୧, ରୋଡ ନଂ- ୪
ଜଗନ୍ନାଥ ନଗର, ପୋ- ଜିଜିପି କଲୋନୀ
ଭୁବନେଶ୍ୱର-୧୦

## ॥ ଢେଉ ॥

### ● ଡ. ଶ୍ରୀକୁମାର



ମୋ ମନର ନଈପଠାକୁ
ଯେବେ ଯେବେ ମାଡିଆସେ
ତୁମ ଉନ୍ମତ୍ତ ଯୌବନର
ସାରି ସାରି ତତଲା ଢେଉ,
କାଣିଚାଏ ମୁଗ୍ଧ ଛୁଆଁରେ
ଅଚିହ୍ନା ଅଜଣା ଶବ୍ଦ ସବୁ
ଅଚାନକ ଅଳସପଣ ଛାଡି
ଜିଦଖୋର ହୋଇ
ପଖାଳି ପକାନ୍ତି ମୋତେ
ମୋର ବଢିଯାଏ ଭାଉ ।

ତୁମରି ବିହୁନେ ଯେତେ
ହୃଦୟରେ ଲୁଚିଥିବା
ବିନମ୍ର ଲୁହ ଆଉ କୋହ
ବାହାରି ପଡନ୍ତି ସଜ ହୋଇ
ସାଥି ହୋଇ ସଗର୍ବରେ
ନିଃଶବ୍ଦରେ - ରୂପରେଖ ବଦଳାଇ,
ଯାବତୀୟ ଅବସାଦ ସବୁଜ ସୁନ୍ଦର ହୁଏ
ଢେଉର ବେସୁରା ରାଗିଣୀରେ
ମନ ବୁଝିଯାଏ ।

ଢେଉ ମୋତେ ଭସାଇ ନେବାକୁ ଚାହେଁ
ନିଃଶେଷ କରି ନିଜ ଭିତରୁ,
ଜାଣି ନେବାକୁ ଚାହେଁ ସ୍ୱପ୍ନ
ଅବଶିଷ୍ଟ ଆୟୁଷ ମଧ୍ୟରୁ ।

ତଥାପି ଢେଉକୁ ସ୍ୱାଗତ
ଢେଉ ମୋର ସମ୍ବଳ, ସମ୍ପଦ,
ତାର ତୀବ୍ର ତାଡନାରେ
ଉଚ୍ଛୁଳି ପଡେ ମୋ ଦେହରେ
ପରମ ତୃପ୍ତି ଓ ଆନନ୍ଦ ।

ଉତ୍ତାଳ ଉଜାଣି ଢେଉର
ଚୁନା ଚୁନା ମଖମଲି ଶବ୍ଦମାନେ
ପ୍ରୀତି ଫଗୁଣର ରାଗିଣୀରେ
ଆମୋଦିତ କରେ ତନୁ ମନ,
ପରିଚିତ ଯନ୍ତ୍ରଣାକୁ ସମୂଳେ ବିନାଶ କରି
ଶହେ ପୁଣ୍ୟଫଳ ଧରି
ସଜେଇ ଦିଏ ମୋ ଜୀବନ ।

ଯେଉଁ କଥା
ଆକାଶ ଇସାରା ଦିଏ
ମାଟି ଉସୁକାଏ
କାନଡେରି ଶୁଣିବାର ତାକତ୍ ନଥାଉ,
ବୟସ ଉଜୁଡିଯାଉ ପଛକେ
ମନ ନଈପଠା କିନ୍ତୁ ଆଶ୍ୱସ୍ତ ହୁଏ
ଅସଂଖ୍ୟ ଢେଉ ସହ
ଭେଟ ହେବାର ବିଶ୍ୱାସରେ ।

❤ ସଂଭାବନା ପ୍ରକାଶନୀ ମୁଖ୍ୟ
ଭୋଗରାଇ, ବାଲେଶ୍ୱର
(ମୋ) ୮୨୪୯୬୮୭୭୭୪

## ॥ ନିସଂଗତା ॥

### ● ସୁବ୍ରତ କୁମାର ସେନାପତି



ମୋ ଆଖପାଖର ନିସଂଗତା ସବୁକୁ
ଷ୍ଟ୍ର ଲଗାଇ ଶୋଷି ନେବାକୁ ଚାହେଁ
ଏକାଥରେ
ଯେଉଁମାନେ ଆଉ ବାରମ୍ବାର
ମନେ ପକାଇବେ ନାହିଁ
ଫୁଲ ପାଖେ ଭଅଁରର ଉପସ୍ଥିତିକୁ
ଆଖିରେ ଆଙ୍ଗୁଠି ଖେଞ୍ଚି
ଦେଖେଇ ଦେବେ ନାହିଁ
ଶୀତ ସକାଳ କାକରରେ ଭିଜି ପାରିନଥିବା
ଗଛର କେଉଁ ଏକ ପତ୍ରର ଲୁହ ସବୁ
କେମିତି ମିଶି ଯାଉଚି ଅମ୍ଳଜାନ ହୋଇ।।

ଯେତେଯେତେ ଖାଲିପଣ ଅଛି
ଏ ପୃଥିବୀରେ,
ଦିଅ ଏକାବେଳେ ଦିଅ ମୋତେ
କଫିମଗ୍‌ରେ ହେଉ ଅବା କାଚଗ୍ଲାସ୍‌ରେ
ମୁଁ ଶୋଷି ନେବାକୁ ଚାହେଁ ଏକାଥରେ
ଯେ ବେଶି ବେଶି ଶୋଷୁଥାଏ ମୋତେ ଏବେ
ଛୁଟିଦିନରେ ଅବା ରାତିର କେଉଁ ଏକ
ବିଳମ୍ବିତ ପ୍ରହରେ ।

ମୁଁ ଜାଣେ ସବୁକିଛି ଶୋଷି ସାରିବା ପରେ ବି
ତଥାପି ତୃଷାର୍ତ୍ତ ରହିବି ମୁଁ
କେଜାଣି କେଉଁ ଜନ୍ମରେ
ଏ ନିସଂଗତା ଯେତେ ସବୁ
ଲେଖେଇ ନେଇଛି ମୋ ଠୁ
ତା ମୋ ଭିତରର
ସଂଯୋଗୀକରଣର ଅଜବ ସ୍ୱୀକୃତିଟିଏ
ଯାହା ପାଇଁ ଅବେଳରେ ଏ ଦେହରୁ
ଝରିଯାଏ କେତେକେତେ
ଶ୍ରୀପର୍ଣ୍ଣ କେଶର
ଆଉ ମୁଁ ପାଲଟିଯାଏ
ଗୋଟେ ଅଦ୍ଭୁତ ନିଆଁଫୁଲ ।

❤ ରେମୁଣା, ବାଲେଶ୍ୱର
(ମୋ) ୭୯୭୮୧୬୮୧୯୩

## ॥ ବର୍ଷାରାତି ॥

### ● ସୁଜିତ୍ କୁମାର ମିଶ୍ର



ବିରହ କୁଞ୍ଜରେ ବୁକୁତଳେ ଲମ୍ଭେ ବିଦ୍ରୋହର ବର୍ଷାରାତି,
ଭାବନା ରାଇଜ ମୁଖର ଶ୍ରାବଣ ବଶୀଭୂତ ମିଠାପ୍ରୀତି ।
ମନ ଗୋପଦାଣ୍ଡ ଝୁରେ କାହାପାଇଁ ମହକ ଆବେଗ ଫୁଲେ,
ଚୋରା ଚାହାଣୀର ଚମକଚାନ୍ଦିନୀ ଛଳେଛଳେ ଘୁରିବୁଲେ ।

ଶରଧା ବିନ୍ଦୁର ମଧୁ ମୂର୍ଚ୍ଛନାରେ ସାଧବବୋହୁର ଗୀତି,
ଜୀବନ କ୍ଷେତରେ ସବୁଜିମା ଛୁଆଁ ଭରେ ଯଉବନ ପ୍ରୀତି ।

ପଲକେ ପ୍ରେମର ଆନନ୍ଦ ତରଙ୍ଗ ପଲ୍ଲବିତ ପ୍ରିୟ ପ୍ରାଣ,
ଆପଣାପଣର ମୌସୁମୀ ପ୍ରବାହେ ଅତିନ୍ଦ୍ରୀୟ ଶିହରଣ ।

ଦୁଇ ଛାତିତଳେ ଗୋପନ ଆଳାପ ଦରଦୀର ଭିଜାଚିଠି,
ଫିକାଫିକା କାନ୍ଦୁ ପୀରତି ଝରରେ ଫଗୁଣର ରଙ୍ଗଝୋଟି ।
ବାତୁଳି ପବନ ଛୁଆଁରେ ପାର୍ବଣ ବୟସର ନଈପଠା,
ଚିତ୍ରଲେଖା ଆଖି ଆଖିରେ ମିଶଇ ଛୁଇଁ କେତେ ଘନଘଟା ।

ବର୍ଷାରାତି ତୁମେ ବାରୁଦ ବୁକୁରେ ତୋଳିଛ ଭାବର ଘର,
ଶୂନ୍ୟ ଅଗଣା ମୋ ସରାଗ ରାଗରେ ଶିହରିତ ସାତସୁର ।

❤ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

# ଅନ୍ତର ଭିତରେ ସତ୍ୟକୁ ପାଳିବା ହିଁ ସାହିତ୍ୟର ମୂଳ ଲକ୍ଷ୍ୟ : ସେନାପତି ପ୍ରଦ୍ୟୁମ୍ନ କେଶରୀ

**ସେନାପତି ପ୍ରଦ୍ୟୁମ୍ନ କେଶରୀ** ସମକାଳୀନ ଓଡିଆ କାବ୍ୟ ଜଗତର ଜଣେ କୁଶଳୀ ଶିଳ୍ପୀ । ଜୀବନକୁ ଗଢିବା ଓ ଅନ୍ତର ଭିତରେ ସତ୍ୟକୁ ପାଳିବା ହିଁ ସାହିତ୍ୟର ମୂଳଲକ୍ଷ୍ୟ ଓ ଆଦର୍ଶ ମାନୁଥିବା କବି ପ୍ରଦ୍ୟୁମ୍ନ କେଶରୀ ନିଃସ୍ୱାର୍ଥ ପ୍ରେମ ଓ ଉଦାରତା ଊଣା ହେଲେ ସୃଜନଶୀଳ ଯେକୌଣସି ରଚନା ପାଠକ ସମାଜର ଅନ୍ତରକୁ ଆକୃଷ୍ଟ କରି ପାରେନା ବୋଲି ମଧ୍ୟ କୁହନ୍ତି । ଜହ୍ନପଖଳା ରାତିର ଭିଜା ଭିଜା ନିର୍ଜନତା ଭିତରେ ଗଢନ୍ତି କବିତାର କୋଣାର୍କ । ତାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମିଠାକଥା ମୁଁ କହିପାରେ ନାହିଁ । କହିଲେ ଝୁଣ୍ଟେ । ଅଥଚ କାହାଠାରୁ ଦି' ପଦ ମିଠା କଥା ଶୁଣିଲେ ମୁଁ ଗୋଟଟାପଣେ ତରଳିଯାଏ । ତାକୁ ପାଖରୁ ଛାଡ଼ିବାକୁ ଇଚ୍ଛା ହୁଏ ନାହିଁ । କବିତା କେମିତି । ଭାରି ମିଠା, ତରଳ ସୁଆଦିଆ ଶବ୍ଦସବୁ, କଅଁଳ । ପିଲାଦିନୁ ଗୀତ ଓ କବିତା ମୋର ଭାରି ପ୍ରିୟ । ଗୀତର ମୂର୍ଚ୍ଛନା ଓ କବିତାର କଳ୍ପନା ମୋ ମନରେ ମାୟା ଲଗାଇଦିଏ । ମୁଁ ବି ଗୀତ ଗାଏ ଗୀତ ଲେଖେ । ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ହେବା ମୋର ସୌଭାଗ୍ୟ । ତେବେ ଗୀତଠୁ କବିତାର ପରିସର ଢ଼େର୍ ବ୍ୟାପକ । ଜୀବନର ଅନେକ କଥା କବିତାରେ କହିହୁଏ । ତେଣୁ କବିତା ସର୍ଜନା ମୋର ପୂର୍ଣ୍ଣତା ବୋଲି ମୁଁ ଅନୁଭବ କରେ । ପିଲାଦିନୁ ମଁ ନିର୍ଜନତାକୁ ଭଲପାଏ । ଏକା ଏକା ପଢ଼େ ନିର୍ଜନରେ । ଏକା ଏକା ବୁଲେ ତୋଟାରେ। ପୋଖରୀ କୂଳରେ ବସେ । ଡାହୁକ ଓ ବଗମାନଙ୍କର ଗତିବିଧିକୁ ଦେଖେ । ଆମ ଆମ୍ବ ତୋଟାରେ ପଲା ତିଆରି କରେ । ଇଟା ଚୂଲି କରି ଚାଉଳ ଭାଜି ଖାଏ । ବେଳେ ବେଳେ ବାଲିରେ ମଟର ଭାଜେ । ବୋଉ ବ୍ୟସ୍ତ ହୋଇ ଖୋଜେ। ଡାକି ଡାକି ବାଡ଼ିକି ଯାଏ । ପଲା ଭିତରୁ ମୁଁ ଓ' କରେ। ଖାଇବା ପାଇଁ ମୋତେ ବାଧ କରି ବୋଉ ଘରକୁ ନେଇଆସେ । ସେଇ ଆମ୍ବ ତୋଟା ଓ ପୋଖରୀ କୂଳର ନିର୍ଜନତା ଭିତରୁ ମୁଁ କବିତାକୁ ପାଇଛି । କବିତା ଆପେ ଆପେ ମୋ ଆଖିର ଲୁହ ହୋଇ ରହିଛି । ମାଟ୍ରିକ୍ ପରେ ରାଉରକେଲାକୁ ପାଠ ପଢ଼ିବାକୁ ଚାଲିଗଲା ପରେ ବୋଉକୁ ବହୁତ ଝୁରିଛି । ସେଇ ଏକୁଟିଆ ହୋଇଯିବାର ଭୟରୁ ମୁକ୍ତି ପାଇଁ କବିତା ଲେଖୁଛି।

■ **ଆପଣଙ୍କର ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ସ୍ୱର୍ଗତ ବିଦ୍ୟାଧର ବାରିକ୍ । ରାଉରକେଲା ଇସ୍ପାତ ସାହିତ୍ୟ ସଂସଦର ପ୍ରାକ୍ତନ ସଭାପତି । ବିଶିଷ୍ଟ ଶ୍ରମିକ ନେତା । ଜଣେ ଦରଦୀ ମଣିଷ । ଭଲ କବିତା ବି ଲେଖୁଥିଲେ । ରାଉରକେଲା ମଜଦୂର ସଭାର ମାସିକ ମୁଖପତ୍ରର ଥିଲେ ସଂପାଦକ । ମୁଁ ଇସ୍ପାତ୍ ସାହିତ୍ୟ ସଂସଦର ସଭ୍ୟ ହେବା ପରେ ସାପ୍ତାହିକ ସାହିତ୍ୟ ଆସରରେ ଯୋଗ ଦେଲି । ମୋ ଘର ପଟ୍ଟାମୁଣ୍ଡାଇ (କେନ୍ଦ୍ରାପଡ଼ା) ବୋଲି ଜାଣିଲା ପରେ ତାଙ୍କର ମୋ ପ୍ରତି ଭଲ ପାଇବା ବଢ଼ିବାରେ ଲାଗିଲା । କାରଣ ତାଙ୍କ ଘର ଆମ ଘର ପାଖାପାଖି ଆଳି ଅଞ୍ଚଳରେ । ଧୀରେ ଧୀରେ ମୋ କବିତା ତାଙ୍କୁ ଦେଖାଇଲି । ସେ ଆଧୁନିକ କବିତା ନଲେଖୁଥିଲେ ବି ବୁଝୁଥିଲେ । କବିତାର ଭାବ, ଶବ୍ଦ ସଜ୍ଜା କେମିତି ହେଲେ ଭଲ ହେବ, ତାଙ୍କର ପରାମର୍ଶ ବି ଦେଉଥିଲେ । ତା'ଛଡ଼ା ସେତେବେଳେ ଇସ୍ପାତ ସାହିତ୍ୟ ସଂସଦର ସାପ୍ତାହିକ ଆସରକୁ କବି ସନତ ରାୟ, ସ୍ୱରୂପ ମହାପାତ୍ର, ସଦାନନ୍ଦ ତ୍ରିପାଠୀ, ରାଧୁ ମିଶ୍ର, ସ୍ୱର୍ଣ୍ଣଦେବୀ ଓ ବୈଲୋଚନ ପାଣ୍ଡବ ପ୍ରଭୃତି ତରୁଣ ଲେଖକମାନେ ନିୟମିତ ଆସୁଥିଲେ । ଏମାନେ ସମସ୍ତେ ବର୍ତ୍ତମାନ ରାଜ୍ୟର ଜଣାଶୁଣା ଲେଖକ ଭାବରେ ପ୍ରତିଷ୍ଠିତ । ତେବେ ପ୍ରତ୍ୟେକ ଲେଖକ ଈଶ୍ୱରଦତ୍ତ ପ୍ରତିଭା ବଳରେ ଲେଖିବାର ପ୍ରେରଣା ପାଇଥାନ୍ତି । ବିନା ଗୁରୁରେ ମଧ୍ୟ ଅନେକ ଲେଖକ ବେଶ୍ ସୁନାମ ଅର୍ଜନ କରିଛନ୍ତି ।

■ **କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ ସାହିତ୍ୟ ଜଗତ ଏକ ରହସ୍ୟମୟ ବିସ୍ମୟର ଗନ୍ତାଘର । କବିତା ଜଗତଟି ପୁଣି ଆହୁରି ଅଧିକ ରହସ୍ୟ ଓ ବିସ୍ମୟରେ ଆଚ୍ଛାଦିତ । ଜ୍ୟୋତି ବିହାରରେ ମୁଁ ଏମ.ଏ ପ୍ରଥମ ବର୍ଷର ଛାତ୍ର ଥିଲାବେଳେ ଓଡ଼ିଶାର ସୁନାମଧନ୍ୟ ସାହିତ୍ୟ ପତ୍ରିକା 'ଝଙ୍କାର'ରେ ମୋର ପ୍ରଥମ କବିତା ପ୍ରକାଶନ, ଆଜି ମଧ୍ୟ ମୋ ପାଇଁ ଏକ ଦୁର୍ଲ୍ଲଭ ସ୍ମୃତି । ମୋର 'ସାୟଂକାଳ' କବିତାଟି ଝଙ୍କାର ପାଇଁ ମନୋନୀତ ହୋଇ ଥିବାର ପୋଷ୍ଟକାର୍ଡ ଚିଠି ମୁଁ ଯେଉଁ ଦିନ ଏହାର ପ୍ରତିଷ୍ଠାତା ଡକ୍ଟର ହରେକୃଷ୍ଣ ମହତାବଙ୍କ ଠାରୁ ପାଇଲି, ସେଦିନ ମୋ ଲେଖନୀକୁ ମୁଁ ନିଜେ ବିଶ୍ୱାସ କରି ପାରୁ ନଥିଲି । ପରମ ଆନନ୍ଦରେ ମୋ ଦେହରେ ଦୁଇଟି ଡେଣା ଯେମିତି କଅଁଳି ଗଲା ଓ ଉଡ଼ିବା ଲାଗି ଆକାଶ ଯେମିତି ମୋତେ ଛୋଟ ଲାଗୁଥିଲା । ମୋତେ ଆଦୌ ଜାଣିନଥିବା ଓଡ଼ିଶାର ଲେଖକ ଓ ପାଠକଗଣ ସତେ ଯେମିତି ମୋତେ ହଠାତ୍ କୋଳେଇ ନେଲେ । ବିଶ୍ୱ ବିଦ୍ୟାଳୟର ଛାତ୍ର ସମାଜ ଓ ଗୁରୁକୁଳ ଭିତରେ ମୁଁ କବି ବୋଲି ଏକ ଗୁଞ୍ଜରଣ ଖେଳିଗଲା । ସେଦିନ ମୁଁ ଶ୍ରେଣୀ ଗୃହରେ ବସିଥିଲାବେଳେ ମୋର ପୂଜ୍ୟଗୁରୁ (ଯିଏ ମୋତେ ଆଦୌ ଚିହ୍ନି ନଥିଲେ) ବିଶିଷ୍ଟ ଲେଖକ ପ୍ରଫେସର ଆଦିକନ୍ଦ ସାହୁ ତାଙ୍କ ଚେମ୍ବରକୁ ମୋତେ ଡକାଇ ବହୁତ ତାରିଫ୍ କରିଥିଲେ । ଆଜି ବି ସେ ମୋତେ କହିଥିବା କଥା ମନେ ଅଛି- 'କବିଙ୍କୁ ଛୁଇଁଲେ ମୋତେ ଜଗନ୍ନାଥଙ୍କୁ ଛୁଇଁଲା ଭଳି ଲାଗେ ।' ସାର୍‌ଙ୍କ ତୁଣ୍ଡରୁ ମୋ ପରି ଜଣେ ନଗଣ୍ୟ ଛାତ୍ର ଏଭଳି କଥା ଶୁଣିଲା ବେଳେ ଗୋଟେ ଅଦ୍‌ଭୁତ କମ୍ପନରେ ମୋର ଛାତି ଥରି ଉଠୁଥିଲା । ସେଦିନ ମୁଁ ପ୍ରଥମ କରି ବୁଝି ପାରିଥିଲି, ଜୀବନକୁ ଗଢ଼ିବା ଓ ଅନ୍ତର ଭିତରେ ସତ୍ୟକୁ ପାଳିବା ହିଁ ସାହିତ୍ୟର ମୂଳଲକ୍ଷ୍ୟ ଓ ଆଦର୍ଶ !

■ ଅକ୍ଷରେ ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ...

ଜନ୍ମସ୍ଥାନ : କଷଣଅଣ୍ଡା, ପଟାମୁଣ୍ଡାଇ, କେନ୍ଦ୍ରାପଡା
ପିତା- ଗୋକୁଳ ଚନ୍ଦ୍ର ସେନାପତି
ମାତା- ଶ୍ରୀମତୀ ସୁଲୋଚନା ଦେବୀ
ପତ୍ନୀ : କବି ନର୍ମଦା ନୀଳୋତ୍ପଳା
କନ୍ୟା : ସୁନିଶ୍ଚିତା, ପୁତ୍ର : ସୁନିପୁଣ
(ମୋ) ୬୩୭୧୫୨୩୫୯୮/୯୪୩୮୨୭୫୩୨୩

■ ପ୍ରକାଶିତ ପୁସ୍ତକ ■



୧. ମହୁମୁହାଣ (୧୯୯୨)
୨. ଅଲଗା ଅଯୋଧ୍ୟା (୧୯୯୪)
୩. ଧୂଳିବେଶ (୧୯୯୯)
୪. ପୂତନା (୨୦୦୬)
୫. ପାପତୃଷ୍ଣା (୨୦୦୯)
୬. ପୁରାଣନଦୀ (୨୦୧୨)
୭. ଭାଜ୍ୟ ଭାଜକ (୨୦୨୪)
୮. ଖେଳଛୁଟିର ଖରା (୨୦୧୭)

ଇଂରାଜୀ ଅନୁଦିତ କବିତାଗ୍ରନ୍ଥ
**The Gale is open**
( ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ନିର୍ବାଚିତ କବିତା)



ପ୍ରାଣପ୍ରିୟା ପତ୍ନୀ କବି ନର୍ମଦାଙ୍କ ସହ ପ୍ରଦ୍ୟୁମ୍ନ କେଶରୀ ।

■ **ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?**

■■ ଗଭୀର ମାନବୀୟ ସମ୍ବେଦନାର ବାରିପାତରେ ହୃଦୟର ଶୁଷ୍କ ଭୂମି ଆର୍ଦ୍ର ହେଲେ ଇ ହିଁ ତାହା ଧୀରେ ଧୀରେ ସର୍ଜନକ୍ଷମ ହୋଇଥାଏ। ବର୍ଷାର କରୁଣା ବିନା ଯେପରି ସୃଷ୍ଟିରେ ସବୁଜିମା ଦୃଷ୍ଟିଗୋଚର ହୁଏନା, ସେହିପରି ନିଃସ୍ୱାର୍ଥ ପ୍ରେମ ଓ ଉଦାରତା ଊଣା ହେଲେ ସୃଜନଶୀଳ ଯେ କୌଣସି ରଚନା ପାଠକ ସମାଜର ଅନ୍ତରକୁ ଆକୃଷ୍ଟ କରି ପାରେନା । ତେବେ ମୋ ମତରେ ସୃଜନଶୀଳତା କ୍ଷେତ୍ରରେ ଉଦାରତାର ଅଭାବ କ୍ୱଚିତ ଦେଖାଯାଏ । କାରଣ ପ୍ରତ୍ୟେକ ସୃଜନଶୀଳ ବ୍ୟକ୍ତି ଉଦାରଗୁଣର ଅଧିକାରୀ ବୋଲି ମୁଁ ବିଶ୍ୱାସ କରେ । ଏହାର ବ୍ୟତିକ୍ରମ କ୍ୱଚିତ ସ୍ରଷ୍ଟାଙ୍କଠାରେ ଦେଖିବାକୁ ମିଳେ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମଣିଷ ଯେତେ ଭାଷା ଶିଖୁନା କାହିଁକି ମାତୃଭାଷାର ଉଚ୍ଚାରଣ ବେଳେ ନିଜ ମାଆ ଓ ମାଟିର ବାସ୍ନା ତାର ସ୍ନାୟୁ ତନ୍ତ୍ରୀରେ ତଡ଼ିତ ଖେଳାଇ ଦିଏ । ଯିଏ ଯେତେ ଶିକ୍ଷିତ ହେଉ ନା କାହିଁକି, ନିଜ ହୃଦୟର ଭାବାବେଗ ମାତୃଭାଷା ବ୍ୟତୀତ ଅନ୍ୟ କୌଣସି ଭାଷାରେ ସଠିକ୍ ପରିପ୍ରକାଶ ସମ୍ଭବ ନୁହେଁ । କାରଣ ମାଆର ଆକୁଳ ଡାକ ପରି ମାତୃଭାଷା । କେବଳ ମନର ଭାବନା ନୁହେଁ, ମିଠା ଆବେଗ ମାତୃଭାଷାର ଉଚ୍ଚାରଣ ବେଳେ ଶିରା ପ୍ରଶିରାକୁ ଥରାଇଦିଏ । ପୃଥିବୀର କିଛି କିଛି ମାତୃଭାଷାର ମୃତ୍ୟୁ ପ୍ରତିଦିନ ଘଟୁଛି ବୋଲି ଆମର ଆଶଙ୍କିତ ହେବାର କୌଣସି କାରଣ ନାହିଁ । କାରଣ ଓଡ଼ିଆ ଭାଷା କେବଳ ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କର ମାତୃଭାଷା ନୁହେଁ, ସମଗ୍ର ପୃଥିବୀରେ ବସବାସ କରୁଥିବା ଓଡ଼ିଆମାନଙ୍କର ହୃଦୟର ଭାଷା । ଦିନେ ଆମର ମାତୃଭାଷାକୁ 'ଏକ ସ୍ୱତନ୍ତ୍ର ଭାଷା ନୁହେଁ' କହି ଯେଉଁ ଚକ୍ରାନ୍ତକାରୀ ମାନେ ଏହାର ଗଳା ଚିପିବା ଲାଗି ଉଦ୍ୟମ କରୁଥିଲେ, ଆମର ଯୋଗ୍ୟତମ ଦାୟାଦମାନଙ୍କର ନିଷ୍ପାପର ଉଦ୍ୟମରେ ଆଜି ଆମ ମାତୃଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇସାରିଛି । ଏହା ଦେଖି ଚକ୍ରାନ୍ତକାରୀମାନେ ନିଜ ମାତୃଭାଷାରେ ନୀରବରେ ବିଳାପ କରୁଛନ୍ତି। ସଫଳତା କେବଳ ଆମର ସମୃଦ୍ଧଶାଳୀ ସାହିତ୍ୟ ଦ୍ୱାରା ସମ୍ଭବ ହୋଇଛି ।

■ **କବିତାର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? କବିତା ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ଗିରିଗୁହାର ଅସଭ୍ୟ ମଣିଷକୁ ସଭ୍ୟ କରିଛି କବିତା । ପକ୍ଷୀର ମଧୁକାକଳି, ଝରଣାର କୁଳୁକୁଳୁ ଧ୍ୱନି ପରି କବିତା ବହୁ ପ୍ରଚୀନ । ଜାଙ୍ଗଲିକ ସୁଷମାର ଜହ୍ନ ପଖଳା ରାତିର ସୁଷମା ସେଦିନର ମଣିଷ ମନରେ ଯେଉଁ ସ୍ୱପ୍ନର ବୀଜ ବୁଣିଥିଲା, ତାହା କବିତାର ମହାଦ୍ରୁମ ପାଲଟି ଯାଇଥିଲା । ଆମେ ସେହି ସଂଭ୍ରାନ୍ତ ବୁନିଆଦିର ଦାୟାଦ । ପ୍ରେମର ଭିଜା ଭିଜା ଅନୁଭବ ପରି କବିତା ଖୁବ୍ ପ୍ରଭାବଶାଳୀ। ନିଷ୍ଠୁର ଦସ୍ୟୁର ହୃଦୟରେ କବିତା ହିଁ ଭଲପାଇବାର ବିଭୋରପଣ ଖେଳାଇ ଦେଇପାରେ । ଅବୁଝା ହୃଦୟକୁ କବିତା ହିଁ ବୁଝିବାର ମନଟିଏ ଦେଇପାରେ ।

■ **ଓଡ଼ିଆ ସାହିତ୍ୟ ବିଶେଷ କରି କବିତାର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ଏବର ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକ ପାଖରୁ ଦୂରେଇ ଯାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?**

■■ କବିତା ଏକ ପ୍ରାଚୀନ କଳା । ହୁଏତ ଯୁଗର ଆହ୍ୱାନରେ ଆଜି ତାହା ମୁକ୍ତଛନ୍ଦ ନେଇ ପାଠକ ପାଖକୁ ଆସୁଛି । କିନ୍ତୁ ସେହି ମୁକ୍ତଛନ୍ଦ ଭିତରେ କବି ଅନ୍ତରର ପୀଡ଼ା, କାରୁଣ୍ୟ, ପ୍ରେମ ଓ ମୁଗ୍ଧ ସମ୍ମୋହନ ଲୁଚି ରହିଛି । କବିତା ଚାଲୁଗୀତ ନୁହେଁ। ଚାଲୁଗୀତ ଛଅ ମାସ ପରେ ଲୋକଙ୍କ ସ୍ମୃତିରୁ ହଜିଯାଏ । ଯେମିତି 'ଏ ଗଉରା କଣ ଖାଉଛ ?.. ମାଉଁସ' ଦିନେ ଓଡ଼ିଶାର ଜନମାନସକୁ ଆନ୍ଦୋଳିତ କରିଥିଲା । ଆଜି ସେ ଗୀତର ପ୍ରଭାବ କାହିଁ ? ଆମର ପ୍ରାଚୀନ ଓଡ଼ିଶୀ ସଂଗୀତ ଓ ନୃତ୍ୟର ଗ୍ରାହକମାନଙ୍କର ସଂଖ୍ୟା ହୁଏତ ସୀମିତ ହୋଇପାରେ, କିନ୍ତୁ ତାହା ଆଜି ଆମର ଓଡ଼ିଶାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । କିଛି କରିବା ଦରକାର ନାହିଁ । ସାଧାରଣ ଲୋକ କେବେ କୌଣସି ଯୁଗରେ ସାହିତ୍ୟ ବୁଝୁନଥିଲେ । ମୁଷ୍ଟିମେୟ ବିଦ୍‌ଗଧ ସାହିତ୍ୟିକ ହିଁ ସାହିତ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି । ସେଇମାନେ ହିଁ ଆମର କବିତାକୁ କୋଟି କୋଟି ଓଡ଼ିଆଙ୍କର ହୃଦୟ ପାଖରେ ପହଞ୍ଚାଇ ପାରିବେ ।




ଷଷ୍ଠ ସଂସ୍କରଣରେ କବିଙ୍କର ବହୁ ଚର୍ଚ୍ଚିତ କାବ୍ୟ ପୁତନା

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ମୁଁ ସବୁବେଳେ ଗୋଟେ କଥା କହି ଆସିଛି- ଯେ ପ୍ରକୃତ ଲେଖକ ତା' ପଛରେ ପୁରସ୍କାର ଗୋଡ଼ାଇବ, ସେ କେବେ ପୁରସ୍କାର ପଛରେ ଧାଇଁବ ନାହିଁ । ମୋର ଏହି କଥାର ମର୍ମ ଯେଉଁ ଲେଖକଟି ବୁଝୁଥିବ, ସେ ନିଶ୍ଚୟ ନିଜର ସୃଷ୍ଟି ଓ ସର୍ଜନାକୁ ନେଇ ସବୁବେଳେ ଆଶ୍ୱସ୍ତ ରହୁଥିବ । ଆତ୍ମ ବିଶ୍ୱାସ ହେଉଛି ସର୍ଜନାର ମୂଳଦୁଆ । ସେଥିରୁ ବିଚ୍ୟୁତ ହୋଇ ପୁରସ୍କାରର ଗୋଡ଼ାଣିଆ ହେଲେ ଲେଖକଟିଏ ପାଠକ ଦୃଷ୍ଟିରେ ଅତ୍ୟନ୍ତ କ୍ଷୁଦ୍ର ବାମନ ପାଲଟିଯାଏ । ତେଣୁ ମୁଁ ଏତିକି କହିବି, ପ୍ରତ୍ୟେକ ଲେଖକ ଶସ୍ତା ଗୌରବ ପଛରେ ନ ଧାଇଁ ନିଜର ସୃଷ୍ଟି ସାଧନାରେ ନିମଜ୍ଜିତ ହେଲେ ଆମ ସାହିତ୍ୟର ଶ୍ରୀ ବୃଦ୍ଧି ପାଇବ ।

♥♥



ସୁଖୀ ପରିବାର : ପତ୍ନୀ, ପୁତ୍ର ଓ ପୁତ୍ରବଧୂଙ୍କ ସହ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ।



କବିଙ୍କ ଆଦରଣୀୟା କନ୍ୟା ସୁନିଶ୍ଚିତା ଓ ଜାମାତା ।

ପ୍ରିୟ ପାଠକ-୨୪

# ପାଠକମାନଙ୍କ ପାଇଁ ମୁଁ ଲେଖକ...



ହିରଣ୍ମୟୀ ମିଶ୍ର

ମୋ ଚାରିପଟରେ ଯେଉଁ ସୌହାର୍ଦ୍ଦ୍ୟର ବଳୟଟି ରହିଛି, ତା ମୋର ସାହିତ୍ୟର ସଂପର୍କର । ମୋର ଖୁବ୍ ପ୍ରିୟ ମଣିଷମାନଙ୍କୁ ମୁଁ ଏଇ ରାସ୍ତାରେ ହିଁ ପାଇଛି। ମୋର ସୌଭାଗ୍ୟ, ମୁଁ ବହୁତ ବେଶି ଭଲପାଇବା ସାଉଁଟି ପାରିଛି ଏଇ ସାହିତ୍ୟର ପୃଥିବୀରୁ। ମୁଁ ଏ ଦୃଷ୍ଟିରୁ ଜୀବନ ପାଖରେ କୃତଜ୍ଞ। ଜଣେ ବା ଦୁଇଜଣ ନୁହନ୍ତି, ଅନେକ ପାଠକ ଆଜି ମୋ ପରିବାରର ମଣିଷ।

ମୋ ଜୀବନର ଉଠାପକା ରାସ୍ତାରେ ମୋ ପାଠକମାନେ ମୋର ଦିଗ୍ ଦର୍ଶକ କହିଲେ ବୋଧହୁଏ ଠିକ୍ ହେବ। ମୁଁ ଯେଉଁ ଜୀବନଟି ନିତି ପ୍ରତିଦିନ ବାହାରର ଆଲୁଅ ଆଗରେ ବଂଚି ଚାଲିଛି, ତାହା ମୋର କବାଟ ବନ୍ଦ ହେଇ ଘର ଭିତରେ ପଶିବାର ପର ମୁହୂର୍ତ୍ତରେ ହିଁ ଅଦ୍ଭୁତ ଭାବରେ ବଦଳିଯାଏ । ମୁଁ କେବେ କେବେ ମୋ ନିଜକୁ ଚିମୁଟି ଦେଇ ପଚାରେ, 'ଏଇ ଯୋଉ ହସହସ ମୁହଁ ଦିଶୁଥାଏ ଦିନସାରାର ଦର୍ପଣରେ, ସେ କଣ ସତରେ ମୁଁ? ଏଯାବତ୍ ଏସବୁ ଭିତରେ ଯଦି ମୁଁ ତଥାପି ସାହିତ୍ୟିକ ଭାବେ ଶ୍ରଦ୍ଧା ବା ସମ୍ମାନ ପାଉଛି, ତା କେବଳ ମୋର ଅସଂଖ୍ୟ ପରିଚିତ, ଅଳ୍ପ ପରିଚିତ ଓ ଅପରିଚିତ ପାଠକମାନଙ୍କ ପାଇଁ।

ପାଠକମାନଙ୍କ ଭିତରେ ମୋର ଅନେକ ପ୍ରିୟ ପାଠକ ଅଛନ୍ତି। ପୁଣି ପାଠକରୁ ଅନେକ ଏବେ ନିଜେ ସାହିତ୍ୟର ପୃଥିବୀର ବେଶ୍ ପରିଚିତ ଲେଖକ ବି ହେଇ ସାରିଲେଣି। ଅନେକ ଥର ମୋର ସାହିତ୍ୟର ପ୍ରିୟ ସହଯାତ୍ରୀମାନଙ୍କଠୁ ଶୁଣିଛି ଯେ ଆମର ଏଠି ଭଲ ପାଠକ ନାହାନ୍ତି। ମୁଁ ସେମାନଙ୍କ କଥାରେ ଏକମତ ହେଇ ପାରେନା। କାରଣ ମୋ ପାଠକମାନଙ୍କ ସ୍ନେହ, ଠିକ୍ ସମୟରେ ତାଗିଦ୍ ଆଉ କେବେ କେବେ ମଧୁର ଗାଳି ହିଁ ତ ମୋର ସାହିତ୍ୟରେ ରହିବା ପାଇଁ ସବୁଠୁ ବଡ ପ୍ରେରଣା ।

ମୋ ଚାରିପଟରେ ଯେଉଁ ସୌହାର୍ଦ୍ଦ୍ୟର ବଳୟଟି ରହିଛି, ତା ମୋର ସାହିତ୍ୟର ସଂପର୍କର । ମୋର ଖୁବ୍ ପ୍ରିୟ ମଣିଷମାନଙ୍କୁ ମୁଁ ଏଇ ରାସ୍ତାରେ ହିଁ ପାଇଛି। ମୋର ସୌଭାଗ୍ୟ, ମୁଁ ବହୁତ ବେଶି ଭଲପାଇବା ସାଉଁଟି ପାରିଛି ଏଇ ସାହିତ୍ୟର ପୃଥିବୀରୁ। ମୁଁ ଏ ଦୃଷ୍ଟିରୁ ଜୀବନ ପାଖରେ କୃତଜ୍ଞ।

ଜଣେ ବା ଦୁଇଜଣ ନୁହନ୍ତି, ଅନେକ ପାଠକ ଆଜି ମୋ ପରିବାରର ମଣିଷ। ପରିଚିତ ଲେଖକ ଶତ୍ରୁଜିତକୁ ଅନେକ ମୋର ନିଜ ଭାଇ ବା ସଂପର୍କୀୟ ଭାଇ ବୋଲି ଜାଣନ୍ତି। ତାଙ୍କ ଘରେ ସମସ୍ତେ, ବିଶେଷ କରି ତା ବୋଉ ମତେ ଝିଅ ଭଳି ସ୍ନେହ ଦେଇଛନ୍ତି। ତା ପୁଅ ମୋ ଝିଅର ସବୁଠୁ ପ୍ରିୟ ଡୁଗା ଭାଇ। ଏ ସଂପର୍କ ସାହିତ୍ୟରୁ ଆରମ୍ଭ ହେବାର ପ୍ରାୟ ତିରିଶ ବର୍ଷରୁ ଅଧିକ ହେଲାଣି।

ଏବେ ଆଉ କେତେ ଜଣ ପାଠକମାନଙ୍କ କଥା କହେ। ଜଣେ ପାଠକ ଅଛନ୍ତି ମୋର। ସେ ବିଜେବି କଲେଜର ଛାତ୍ର ଥିଲେ। ପରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆରେ ଅଫିସର ଚାକିରି ପାଇଛନ୍ତି, ନୟାଗଡରେ ଥିଲେ, ଏବେ କୋଉଠି ମୁଁ ଜାଣିନି। ସେ ମଝିରେ ମଝିରେ ଫୋନ୍ କରନ୍ତି ମତେ। ଲ୍ୟାଣ୍ଡ୍ ଫୋନ୍‌ର ସମୟରୁ ଏବେଯାଏଁ। ସେ ସେଇ ସମୟରେ ଫୋନ କରନ୍ତି, ଯେତେବେଳେ ମୁଁ ଟିକିଏ ଅନିୟମିତ ହେଇଯାଏ ଗପ ଲେଖାରେ। ସେ ମତେ ପ୍ରତିଥର କୁହନ୍ତି ଶେଷଥର କଥା ହେବାଠାରୁ ସେ ଭିତରେ ଛପା ହେଇଥିବା ମୋର ଗପ ଗୁଡିକର ଭଲ ଓ ଖରାପ ଲାଗିଥିବା ଧାଡି ସବୁ। ଅନେକ ବାର କହନ୍ତି ଯେ ତାଙ୍କର କଲେଜ ପଢା ସମୟରେ ସେମାନେ ଚାରି ଜଣିଆ ଗ୍ରୁପ୍‌ଟିଏ ଥିଲେ, ଯେଉଁମାନେ ମୋର ବଡ ପ୍ରଶଂସକ ଥିଲେ, ଯେଉଁଠି ଯାହା ମୋର ଲେଖା ବାହାରୁଥିଲା, ପରସ୍ପରକୁ ଦେଉଥିଲେ। ସେମାନେ ଏବେ ବିଭିନ୍ନ ସ୍ଥାନରେ, ଜଣେ ବିଦେଶରେ। ତଥାପି ସେମାନେ କଥା ହେବା ବେଳେ ମୋ କଥା ଆସେ, ଏଇ ଯେଉଁ ପାଠକ ଜଣକ ଓଡ଼ିଶାରେ ଅଛନ୍ତି, ସେ ସେମାନଙ୍କୁ ଏବେ ବି ମୋ ଗପ ପଠାନ୍ତି। ଏ ପାଠକ ଜଣକ ଟିକିଏ ଅଦ୍ଭୁତ। କଥା ହେଉ ହେଉ ପୁଣି ମୁଁ କାହିଁକି କିଛିଦିନ ହେଲା ଲେଖୁନି, ସେ ସାଙ୍ଗମାନଙ୍କୁ କଣ କହିବେ କହି ମୋ ଉପରେ ବିରକ୍ତ ହୁଅନ୍ତି। ମୋ ପାଖରୁ ରୀତିମତ କେତେ ଦିନ ଭିତରେ ପରବର୍ତ୍ତୀ ଗପ ଆସିବ, ସେଥିନେଇ ଡେଡ୍ ଲାଇନ୍ ଦିଅନ୍ତି। ଅତଏବ ସବୁ ଅନ୍ଧାର ଦୂରେଇ ଯାଇ ପୁଣି ଆଲୁଅ ସାମ୍ନାକୁ ମୁଁ ଓ ମୋର ଗପ ଆସୁ।

ଏ ପାଠକଙ୍କୁ ମୋର ପ୍ରଣାମ, ସେ କହନ୍ତି, ସେମାନେ ଚାରି ସାଙ୍ଗ ଚାକିରି କରିବା ପରେ ଏକାଠି ହେଲେ ମୋ ପାଖକୁ ଆସିବେ ସାଙ୍ଗ ହୋଇ ଏବଂ ହଷ୍ଟେଲର ଦିନ ସବୁରେ ମୋ ଗପ ପଢି ସେମାନେ କେମିତି ବିହ୍ୱଳ ହେଉଥିଲେ, ସେକଥା ଶୁଣାଇବେ, ଏଇ ସର୍ତ୍ତ ଥିଲା ସେମାନଙ୍କ ଭିତରେ। ମୁଁ ସେଦିନର ଅପେକ୍ଷା କରିଛି । ମୋର ଏ ପାଠକ ଏ ଲେଖାଟି ବି ପଢିବେ, ମୁଁ ଜାଣିଛି। କିନ୍ତୁ କେବଳ ବିଭିନ୍ନ ସମୟରେ ବଦଳି ଯାଉଥିବା କିଛି ଫୋନ୍ ନମ୍ବର ଛଡା ମୋ ପାଖରେ ତାଙ୍କର ଆଉ କିଛି ଖବର ନାହିଁ। କିନ୍ତୁ ମୁଁ ଜାଣେ, ସେ ପଢୁଥିବା ଯାଏଁ ମତେ ଗପ ଲେଖିବାକୁ ହେବ ଆଉ କାମନା କରେ ଯେ, ଆଖି ବନ୍ଦ ହେବା ପୂର୍ବରୁ ସେମାନେ ଏକାଠି ହେଇ ଆସନ୍ତୁ ମୋ ପାଖକୁ।

ଏବେ ଆଉ ଜଣେ ପାଠକର କଥା। ଆଜିକୁ ବାର ବର୍ଷ ତଳର କଥା। ମୋ ପାଖକୁ ସେ ମେସେଜ୍ ପଠାନ୍ତି, ମୋର ସବୁ ଗପ ବା କବିତାର ଖବର ତାଙ୍କ ପାଖରେ ଥିଲା, ଅଥଚ ମୁଁ ତାଙ୍କୁ ଦେଖିବାର ସୁଯୋଗ ନଥିଲା।ସେ ସମୟରେ ମତେ ବହୁତ ସାହିତ୍ୟ ସଭାରେ ବକ୍ତବ୍ୟ ରଖିବାକୁ ନିମନ୍ତ୍ରଣ ମିଳୁଥାଏ। ଫେରିବା ପରେ ମୋ ପାଖକୁ ସେ ସଭାର ଫଟ ପଠାଇ ଦିଅନ୍ତି। ମୋର ଫଟ ବେଶୀ ଥାଏ। ମୁଁ ପଚାରେ, 'ତମେ ସେ ସଭାକୁ ଆସିଥିଲ, ଦେଖା କରିବାକୁ ଆସିଲନି କାହିଁକି ?' କିଛି ନିର୍ଦ୍ଦିଷ୍ଟ ଉତ୍ତର ନଥାଏ ସେପଟୁ। ଏମିତି ସମୟରେ ମୋର ପ୍ରଥମ ଓ ଏକମାତ୍ର କବିତା ସଂକଳନ 'ବିଭୋର ବେଳା'ର ଉନ୍ମୋଚନ ହେଲା। ସଭା ସମୟ ପୂର୍ବରୁ ସେଦିନ ଭୀଷଣ ବର୍ଷା। ତଥାପି ଅତିଥିମାନେ ଆସିଲେ ଓ ସଭା ଯଥାରୀତି ହେଇଗଲା। କିନ୍ତୁ ଅଡଶପୁରରୁ ମୋର ପରିଚିତ ଫଟୋଗ୍ରାଫର୍ ଆସିପାରିଲେନି। ମୁଁ ଘରେ ପହଞ୍ଚିବା ବେଳକୁ ଫେସବୁକରେ ଓ ମୋ ଫୋନରେ ଛୋଟ ବଡ ହେଇ ଅନେକ ଭିଡିଓ କ୍ଲିପ୍ ଓ ଅସଂଖ୍ୟ ଫଟ। ଏତେ ଫଟ କେତେବେଳେ ଓ କିଏ ଉଠାଇଛି, ପୁଣି ଡି ଏସ୍ ଏଲ୍ ଆର୍ କ୍ୟାମେରାରେ ? କିଛି ଜାଣି ପାରିଲିନି, ସେ ସଭାରେ ମୋର ଜୀବନ ସାଥୀ ଅରୁଣ ବି ଥିଲେ। ମୁଁ ତାଙ୍କୁ ବାରମ୍ବାର ପଚାରିଲି । ସେ ବି ଆଶ୍ଚର୍ଯ୍ୟ। ସେତେବେଳେ ମୋର ଏ ପାଠକ ଜଣକ ଖୁବ୍ ଭଲ ଓ ସୌଖୀନ ଫଟୋଗ୍ରାଫର୍ ଓ ସେ ହିଁ ଏସବୁ କାରନାମାର ନାୟକ ବୋଲି ଜଣାପଡିଲା। ପୁଣି ମୋର ସେଇ ପ୍ରଶ୍ନ, 'ଆରେ ଆସିଥିଲ ଯଦି ଦେଖା କଲନି କାହିଁକି ?' ଏଥର ଉତ୍ତର ଯେ ,'ମତେ ଡର ଲାଗିଲା'। ଅଳ୍ପ ଦିନ ପରେ ପୁସ୍ତକମେଳା ଆସିଲା ଓ ଏଥର ପଚାରି ପଚାରି ମୁଁ ନିଜେ ହିଁ ଖୋଜିନେଲି ମୋର ସେଇ ପ୍ରିୟ ପାଠକକୁ। ଆଉ ତା ପରଠାରୁ ସେ ଧୀରେ ଧୀରେ ମୋର ଖୁବ୍ ନିବିଡ ହେବାରେ ଲାଗିଲା। ମୋର ନିଜର ସାନଭାଇଟିଏ ଅଛି, କିନ୍ତୁ ଅନେକ ବର୍ଷ ହେଲା ସେ ମୋ ସହ କୌଣସି ସଂପର୍କ ରଖିନି। ଏ ପାଠକଟି ମୋର ଆଜି ଖୁବ୍ ପ୍ରିୟ ସାନଭାଇ ତାପସ ରଞ୍ଜନ ରାଉତ। ଆଜିର ସମୟରେ ତାପସ ଭଳି ସାନଭାଇଟିଏ ମିଳିବା ବହୁ ଭାଗ୍ୟର କଥା। ସେ ଆଜି ମୋର ପରିବାରର ଅଂଶ ଆଉ ମୁଁ ତାଙ୍କ ଘରର ବଡ ଝିଅ। ତାପସର ସାରା ପରିବାରଠାରୁ ମିଳୁଥିବା ଅତୁଳନୀୟ ସ୍ନେହର ଉତ୍ସ ଯେ ମୋର ସାହିତ୍ୟର ସଂପୃକ୍ତି, ଏକଥା ବିଶ୍ୱାସ କରିବା ସମୟରେ ମୁଁ ବାରମ୍ବାର ଈଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଉଥାଏ। ମୋର କାହିଁ କେତେ ପଛରେ ଛାଡି ଆସିଥିବା ଜନ୍ମଦିନର ପାଳନ ହେଉ ବା ବାରମ୍ବାର ଭୁଲି ହେଇ ସାରିଥିବା ବିବାହ ବାର୍ଷିକୀ, ତାପସ ପାଇଁ ଆଜି ମୋ ଘରେ ଏସବୁ ଉତ୍ସବ ଆସେ ପ୍ରତି ବର୍ଷ। ତା ସହ କଥା ନହେଲେ ଦିନଟିଏ ବି ଭଲ ଲାଗେନି। ସକାଳ, ସଂଜ, ଅପରାହ୍ନ ହେଉ, ବର୍ଷା, ଖରା କି ଶୀତ ଥାଉ ବାହାରେ, ମୁଁ ଡାକିଦେଲେ ସେ ପହଞ୍ଚି ଯାଏ ମୋ ପାଖରେ। ସାହିତ୍ୟ ଏହାଠୁ ଆଉ ଅଧିକ କଣ ଦେଇଛି ଆଉ କାହାକୁ ?

ଆଉ ଜଣେ ପାଠକ କଥା ନକହି ରହି ହେବନି। କୋଭିଡ୍ ସମୟର ଭୟାବହ ସମୟରେ ମୋ ସହ କଥା ବାର୍ତ୍ତା ଆରମ୍ଭ ହେଲା ଦିଲ୍ଲୀପର। ମୋର ଲମ୍ବା ଦିନ ଅସୁସ୍ଥତା ଲାଗି ରହିଥାଏ। ଗପ ବିଷୟରେ କଥା ହେଉ ହେଉ ଆମେ ସାହିତ୍ୟର ସରହଦ ପାର କରି ବ୍ୟକ୍ତିଗତ ଜୀବନର ସବୁଦିନିଆ ଦୁଃଖସୁଖର ଇଲାକାକୁ କେମିତି ଆସିଲୁ, ଆଜି ମୋର ମନେ ପଡେନି। ମନେହୁଏ, ଏମିତି ହୁଏ ତ ସମୟ ନଥିଲା, ଯେତେବେଳେ ମୁଁ ତାକୁ ଚିହ୍ନି ନଥିଲି। ତାର ଗପ ସବୁ ମୁଁ ପଢେ ଓ ମୋ ଗପ ସେ ପଢେ। କିନ୍ତୁ ଏବେ ଆଉ ସେ ମୋର କେବଳ ପାଠକ ନୁହେଁ, ପୁଅ। ସେ ମତେ ମା ଓ ଅରୁଣଙ୍କୁ ବାପା ଡାକେ। ତାର କୁନିପୁଅଟି ଏବେ ଆମର ଗେହ୍ଲା ନାତି। ପାଠକ ଓ ଲେଖକରୁ ମା ଓ ପୁଅରେ ବଦଳିଯାଇଥିବା ଏ ସଂପର୍କକୁ କଣ କହିବି ? ଈଶ୍ୱରଙ୍କ ପୁରସ୍କାର ?

ଆଜି ଏ ରାସ୍ତାରେ ଏତେ ବର୍ଷ ଚାଲିବା ପରେ ପ୍ରିୟ ପାଠକର କଥା କହିବା ବେଳେ କେତେ ମୁହଁ, କେତେ ସ୍ୱର ଓ କେତେ କେତେ ସ୍ମୃତିର ଭିଡ ଭିତରେ ମୁଁ। ସତରେ ପାଠକମାନଙ୍କ ଋଣ ଅପରିଶୋଧ ରହିଥାଉ ଓ ମୁଁ ଏମିତି କୃତଜ୍ଞତାର ଭରପୁର ଆଞ୍ଜୁଳା ନେଇ ପୂର୍ଣ୍ଣ ହେଉଥାଏ ଥରକୁଥର।

(ମୋ)୭୮୯୪୭୪୪୦୦୧




ପ୍ରିୟ ପାଠକ ତାପସ ରଂଜନ ଓ ଦିଲ୍ଲୀପଙ୍କ ସହ ଗାଳ୍ପିକା ହିରଣ୍ମୟୀ ମିଶ୍ର...

> ଆଜି ଏ ରାସ୍ତାରେ ଏତେ ବର୍ଷ ଚାଲିବା ପରେ ପ୍ରିୟ ପାଠକର କଥା କହିବା ବେଳେ କେତେ ମୁହଁ, କେତେ ସ୍ୱର ଓ କେତେ କେତେ ସ୍ମୃତିର ଭିଡ ଭିତରେ ମୁଁ। ସତରେ ପାଠକମାନଙ୍କ ଋଣ ଅପରିଶୋଧ ରହିଥାଉ ଓ ମୁଁ ଏମିତି କୃତଜ୍ଞତାର ଭରପୁର ଆଞ୍ଜୁଳା ନେଇ ପୂର୍ଣ୍ଣ ହେଉଥାଏ ଥରକୁଥର।

---

ପଢ଼ିଲା ପରେ...

# ଅଫ୍ ସନ୍ସ ଆଣ୍ଡ ଫାଦର- ପୌରାଣିକତାରୁ ଆଧୁନିକତାର ଚିତ୍ରଣ






'ଅଫ୍ ସନ୍ସ ଆଣ୍ଡ ଫାଦର' କବି ପ୍ରଫେସର ଅସୀମ ରଞ୍ଜନ ପାଢୀଙ୍କର ପ୍ରଥମ ମାନସ ସନ୍ତାନ । ଯାହାକି ଓଡ଼ିଶାର ଅଗ୍ରଣୀ ପ୍ରକାଶନୀ ସଂସ୍ଥା ପକ୍ଷୀଘର ତରଫରୁ ପ୍ରକାଶିତ ।ଏହାର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା ୨୦୨୧ ମସିହାରେ। ସାମ୍ପ୍ରତିକ ସାହିତ୍ୟରେ ଭାଷା ଏକ ପ୍ରତିବନ୍ଧକ ନୁହେଁ ବରଂ ନିଜକୁ ପ୍ରକାଶ କରିବାର ଏକ ମାଧ୍ୟମ ବୋଲି ମୁଁ ଭାବେ । ସେହି ପରିପ୍ରେକ୍ଷୀରେ ଏଇ ଇଂରାଜୀ କବିତା ସଂକଳନଟି ପଢିଲା ପରେ ମୁଁ ଅନୁଭବ କଲି ଯେ ସାହିତ୍ୟକୁ ନିରନ୍ତର ଭଲପାଉଥିବା ଓ ସାହିତ୍ୟରେ ବଞ୍ଚୁଥିବା ମଣିଷ ହେଉଛନ୍ତି କବି ପ୍ରଫେସର ଅସୀମ ରଞ୍ଜନ ପାଢୀ । ଏ ସଙ୍କଳନଟିର ନାମକରଣ ଠାରୁ ଆରମ୍ଭ କରି କବିତା ଗୁଡ଼ିକର ଗଢ଼ଣ ଓ ନାମକରଣରେ ଅନେକ ଶବ୍ଦ ଚାତୁରୀ ଖେଳିଛନ୍ତି କବି । ଏଇ ଯେମିତି ଇଂରାଜୀ ସଙ୍କଳନର କଣ୍ଟେଣ୍ଟ ବଦଳରେ 'ଥ୍ରେଡ୍ସ ଇନ୍ ଏ ଲିଫ୍' ଏବଂ ଭୋଟ୍ ଅଫ୍ ଥ୍ୟାଙ୍କ୍ସ ପ୍ରତିବଦଳରେ 'ଫଣ୍ଡ ଫିଲିଙ୍ଗ୍ସ ପରି ଅନେକ ଶବ୍ଦ ଚାତୁରୀ ଦେଖିବାକୁ ମିଳେ । ମତେ ବିଶେଷ ଭାବରେ ପ୍ରଭାବିତ କରିଛି ସଙ୍କଳନର ପ୍ରଥମ ପୃଷ୍ଠାରେ ଥିବା ବାପାଙ୍କ ଶେଷ ଚିଠି' ଲେଟର୍ ଫ୍ରମ୍ ଏ ଫାଦର୍' ଯେଉଁ ଚିଠିରେ ମୁଁ ବାରିପାରିଲି କିଛି ସ୍ନେହସିକ୍ତ ଶବ୍ଦଗୁଚ୍ଛ, ବିଶ୍ୱାସର ବିଶାଳ ଅଟ୍ଟାଳିକା ଏବଂ ସମୁଦ୍ର ଠାରୁ ବି ଆହୁରି ଗାଢ଼ ରଙ୍ଗର ଭରଷା। ବାପାଙ୍କ ଚିଠିରେ ମତେ ବେଶ୍ ଭିଜେଇଥିବା ଧାଡ଼ିଟି ହେଉଛି -'ଲିଟ୍ରେଚର୍ ୱିଲ୍ ବି ଇନ୍ ୟୋର୍ ବ୍ଲଡ୍, ଆଣ୍ଡ ବ୍ଲଡ୍ ୱିଲ୍ ସର୍ଚ୍ଚ ଫର୍ ବ୍ଲଡ୍' ସାହିତ୍ୟ ତୋ ରକ୍ତରେ ମିଶିଯାଉ ଏବଂ ସେ ରକ୍ତ ଅହରହ କେଇବୁନ୍ଦା ରକ୍ତ ଖୋଜୁଥାଉ । ଇଏ କେବଳ ଏକ ଧାଡ଼ି ନୁହେଁ କିମ୍ବା କିଛି ଶବ୍ଦ ନୁହଁ, ଇଏ ହେଉଛି ଏକ ବିଶ୍ୱାସର ହକ୍‌ଭରା ଆବେଦନ ଏବଂ ଭରସାର ଏକ ସ୍ୱଷ୍ଟ ଚିତ୍ରପଟ୍ଟ । ଏ ଚିଠିର ଶେଷରେ ଲେଖାଥିବା 'ବାପା' ଶବ୍ଦ ହିଁ ମତେ ବେଶ୍ ଆନନ୍ଦିତ କରିଥିଲା ।

ଏଇ ସଙ୍କଳନରେ ମୋଟ୍ ଅଡଷଠି କବିତା ଅଛି ଏବଂ ସମସ୍ତ କବିତା ପଢିସାରିଲା ପରେ ମୁଁ ଅନୁଭବ କରିଲି ଯେ-କବି ପ୍ରଫେସର ପାଢ଼ୀଙ୍କ ପାଇଁ କବିତା ହେଉଛି କାନ ପାଖେ ଅହରହ ବାଜୁଥିବା ସଙ୍ଗୀତର ଧୂନ୍ । ଯେଉଁ ସଙ୍ଗୀତର ଧୂନ୍ ଖୋଜ୍‌ରେ କବି ଚିରକାଳ ବନ୍ଧା। ସେଇ ସଙ୍ଗୀତର ଖୋଜ୍ କେବେ କେବେ ତାଙ୍କ ପାଇଁ ତାରୁଣ୍ୟର ତୂର୍ଯ୍ୟନାଦ ତ କେବେ ପ୍ରେମସିକ୍ତ ମଲ୍‌ହାର ସଙ୍ଗୀତ, ତ କେବେ ବିରହର ଋତୁଟେ ପୁଣି ବିଚ୍ଛେଦର ବିରାଟ ପର୍ବ, ତ କେବେ ରୋଷ ଓ ବିଦ୍ୱେଷର କୃଶବିଦ୍ଧ ଶବ୍ଦ, ପୁଣି କେତେବେଳେ ଆମ ଗାଁ ନଈ ପରି ଖୁବ୍ ଛଳଛଳ, ସ୍ୱଚ୍ଛ ଓ ଚଞ୍ଚଳ ଦିଶେ ତାଙ୍କ କବିତା ଗୁଡ଼ିକ ।

ପ୍ରଫେସର ଅସୀମ ରଞ୍ଜନ ପାଢୀ ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରଫେସର ହେଲେ ମଧ ମୁଁ ଅନୁଭବ କଲି କବି ଇଂରାଜୀ ସାହିତ୍ୟରେ ଥାଇ ବ୍ରିଟିଶ ସାହିତ୍ୟ, ଆମେରିକୀୟ ସାହିତ୍ୟ ଆଫ୍ରିକୀୟ ସାହିତ୍ୟ ଏବଂ ବିଶ୍ୱ ସାହିତ୍ୟ ପଢ଼ି ମଧ ତାଙ୍କ ଭିତରୁ ଲିଭିନି ଭାରତୀୟ ପୁରାଣ ଶାସ୍ତ୍ରର ଶେଷତମ ପାଦଚିହ୍ନ । ଭାରତୀୟ ପୁରାଣ ଶାସ୍ତ୍ର ଓ ସଂସ୍କୃତି ପରମ୍ପରା କବି ପରଫେସର ପାଢୀଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି ବୋଲି ମୋର ମନେହୁଏ । ଏ କବିତା ସଙ୍କଳନରେ ଚିତ୍ରକଳ୍ପର ବ୍ୟବହାର ଏବଂ ଶବ୍ଦବସାଣର କାରିଗରୀର ପ୍ରତିପାଦରେ ମୁଁ ବାରିପାରିଲି ଭାରତୀୟ ପୁରାଣ ଶାସ୍ତ୍ରର ପ୍ରଭାବ କବିଙ୍କ ଜୀବନରେ ।

କବି ଖୁବ୍ ଚତୁରତାର ସହ ଆଧୁନିକ ଜୀବନ ସହ ପୌରାଣିକ ଜୀବନର ମିଶ୍ରଣରେ ତିଆରିଛନ୍ତି ଅନେକ କବିତା ଯାହାକି ବର୍ତ୍ତମାନ ସାହିତ୍ୟ ଜଗତ ପାଇଁ ଏକ ଖୁବ୍ ଶୁଭ ସଙ୍କେତ। ବର୍ତ୍ତମାନ ସମୟରେ ଲୋକମାନେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିରେ ଗଭୀର ଭାବରେ ପ୍ରଭାବିତ ହେଉଥିଲା ବେଳେ କବି ପ୍ରଫେସର ପାଢ଼ୀ ଆଜି ବି ଭାରତୀୟ ପୁରାଣ ଶାସ୍ତ୍ର, ସଂସ୍କୃତି ପରମ୍ପରାକୁ ଖୁବ୍ ଭଲପାଆନ୍ତି ବୋଲି ତାଙ୍କ କବିତା ଗୁଡ଼ିକ ଜ୍ୱଳନ୍ତ ଉଦାହରଣ।

ଏଇ କବିତା ସଙ୍କଳନର ଅୟମାରମ୍ଭ କବି ଏକ ସୁନ୍ଦର କବିତାରୁ କରିଛନ୍ତି । ଯାହାକି ଏକ ପିତା ପୁତ୍ର ସମ୍ପର୍କର ଜ୍ୱଳନ୍ତ ପ୍ରତିଛବି। କବିତାଟିର ନାମ ରଖିଛନ୍ତି 'ଏଭ୍ରି ଇଞ୍ଚ୍ ଏ ଫାଦର୍' ଏ କବିତାରେ ମାତ୍ର ଦୁଇଟି ପଦ ଅଛି। ମାତ୍ର ଖୁବ୍ ଅଳ୍ପରେ ଏକ କଳ୍ପ ରୂପି ବର୍ଣ୍ଣନା କରିଛନ୍ତି କବି ଏକ ବାପପୁଅର ସମ୍ପର୍କକୁ ନେଇ। ସତରେ ସେ ପୁଅଟି କେତେ ଭାଗ୍ୟବାନ୍ ଯାହାର ବାପଟିଏ ଅଛି । ସେ ପୁଅଟି କେତେ ମହାନ୍ ଯିଏ ବାପାଙ୍କ କର୍ମମୟତା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନଟେ ଜିଏଁ। ଏ କବିତାର ଶେଷପଦ ଖୁବ୍ ଛୁଇଁଲା ମତେ -

"Grow up to the father's cause
Blow up the mythic conch
Quest of a lifetime
Born of a father prime
Arise, awake
You, every inch your father."

କବି ପ୍ରଫେସର ପାଢ଼ୀଙ୍କ ଶବ୍ଦ ଚାତୁରି ଓ ସାବଲୀଳତା ସବୁ ଦିଗରେ ଦେଖିବାକୁ ମିଳେ। ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ଇଂରାଜୀ ସାହିତ୍ୟର ଛାତ୍ର ତଥା ପ୍ରାଧ୍ୟାପକ ସେ ନିଶ୍ଚିତ ପଢିଥିବେ ଇଂରେଜ ମାନଙ୍କ ମାନସିକତାରେ ବାପା ମାନଙ୍କର ଚିତ୍ରପଟ୍ଟ। ପାଶ୍ଚାତ୍ୟ ସଂସ୍କୃତିରେ ବାପାମାନେ ଆଦୌ ଭଲ ମଣିଷ ନୁହଁନ୍ତି ସମସ୍ତେ ଜଣେ ଜଣେ ଦେହଜୀବୀ ଯୌନାସକ୍ତ ପୁରୁଷ ଭାବରେ ବର୍ଣ୍ଣନା କରାଯାଇଛି। ମାତ୍ର ଆମ ଭାରତୀୟ ସଂସ୍କୃତି ଓ ଜୀବନ ଶୈଳୀରେ ବାପାମାନେ ଦେବତୁଲ୍ୟ ତଥା ଈଶ୍ୱରଙ୍କ ଚଳନ୍ତି ପ୍ରତିମା। ବାପଟିଏ କେମିତି ଛାତ ପାଲଟିଯାଏ ଆମପାଇଁ ଆକାଶ ପରି ଦିଶେ ଆମ ଆଖିକୁ ଏହାକୁ ବର୍ଣ୍ଣନା କରିଛନ୍ତି କବି ଏକ ଚମତ୍କାର ଢ଼ଙ୍ଗରେ - 'ଫାଦର୍ ଟୁ ସନ୍' କବିତାରେ ଦେଖିବାକୁ ମିଳେ ବାପଟିଏ କେମିତି ପୁଅର ସାହସ ହୋଇ ଛିଡାହୋଇଥାଏ। ସବୁଠୁ ବଡ଼ କଥା ମୁଁ ଲକ୍ଷ୍ୟକଲି ଏ କବିତାରେ ଭାରତୀୟ ପୁରାଣ ମହାଭାରତରୁ ଚମତ୍କାର ଚିତ୍ରକଳ୍ପ ମାନ ବ୍ୟବହାର କରିଛନ୍ତି କବି ।

"Dear son
Sun's Karn
Fathers don't recline
or sit and shine
they are born for the world
empower you, forever mould
ingrained kabach's cemented hold
paradise's gem, kundals bold
lonely nights' dreary thought
you are here, owned and sought
dark river and horrid earth"

ଏ କବିତାର ଏ ପଦରେ କବି ସୂର୍ଯ୍ୟପୁତ୍ର କର୍ଣ୍ଣଙ୍କ ଦୃଷ୍ଟିଭଙ୍ଗୀରେ ବାପାର ଉପସ୍ଥିତିକୁ ବର୍ଣ୍ଣନା କରିଛନ୍ତି। ଏଠି କବି କେତେ ସୁନ୍ଦର୍ ଭାବରେ ବର୍ଣ୍ଣନା କରିଛନ୍ତି ଯେ ବାପାମାନେ ଜନ୍ମ ନିଅନ୍ତି ଏ ପୃଥିବୀରେ ଆମ କବଚ ହୋଇ, ଆମକୁ ଶକ୍ତିଶାଳୀ କରିବା ପାଇଁ। ବାପା ଆମ ପାଇଁ ଏକ ଛାଞ୍ଚ ସଦୃଶ ଏ ସମାଜର ମୁଣ୍ଡଟେକି ବଞ୍ଚିବାର ରାହା ଦେଇଥାନ୍ତି। ସତରେ ବାପଟିଏ ହେବା ଏତେ ସହଜ ନୁହେଁ ।

ପରେ ପରେ ଆଉ ଏକ କବିତାର ଗଢଣରେ ମୁଁ ଢେର୍ ସମୟ ଅଟକିଲି। କେତେ ସୁନ୍ଦର ଭାବରେ କବି ଇଂରାଜୀ ସାହିତ୍ୟର ସେକ୍ସପିୟରଙ୍କ କିଙ୍ଗ୍ ଲିୟର ଓ ତାର ଝିଅ କୋର୍ଡେଲିଆର ସମ୍ପର୍କ ସହ ଆମ ଭାରତୀୟ ପୁରାଣ ମହାଭାରତରୁ ଦ୍ରୌପଦୀ ଓ କୁନ୍ତୀ ଙ୍କୁ ନେଇ ଇଂରାଜୀ ସାହିତ୍ୟ ଓ ଭାରତୀୟ ପୁରାଣର ମିଶ୍ରଣ ଚାତୁରି ଦେଖିବାକୁ ମିଳେ 'ଟାଇମ୍ସ ରିଫ୍ୟୁଜି' କବିତାରେ।

"Burning wheels of fire
the first Lear and his Cordelia
Bound in silence
that seals the fate
of a procession of mothers
Mothers dipped in blood
Mothers and butchers
From Kunti to Draupadi."

ଏ କବିତାର ସ୍ୱତନ୍ତ୍ରତା ହେଉଛି ସେକ୍ସପିୟରଙ୍କ କିଙ୍ଗ୍ ଲିୟର ଏବଂ ମହାଭାରତର ଚିତ୍ରକଳ୍ପ ରେ କବିତାରେ ବାପ ଝିଅର ସମ୍ପର୍କ ପୁଣି କୁନ୍ତୀ ଠାରୁ ଦ୍ରୌପଦୀଙ୍କ ଜୀବନ ଯାତ୍ରା ଯାଏଁ।

କବି ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ କେବଳ ସମ୍ପର୍କ ପୁରାଣ କି ଜୀବନବାଦୀ ଧାରଣାରେ ଅଟକି ଯାଇ ନାହାନ୍ତି। ଏଇ ସଙ୍କଳନରେ କବିଙ୍କର ବହୁମୁଖୀ ଚିନ୍ତାଧାରା ବା ଇଂରାଜୀର (ଭର୍ସାଟାଲିଟି) ଦେଖିବାକୁ ମିଳେ। କବି ତାଙ୍କ କବିତା ମାଧ୍ୟମରେ କେଉଁଠି କେଉଁଠି ଆମନ୍ତ୍ରଣ କରିଛନ୍ତି ପ୍ରେମର ଋତୁଟେ ତ ପୁଣି ବିରହର ଚିତ୍ରନଟୀ କେବେ କେବେ ପ୍ରଣୟର କାନଭାସ୍ ତ ପୁଣି ପ୍ରତାରଣାର ଦେଓମାଳି ।

କବି ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ବିରହ ବେଦନା ଓ ପ୍ରତାରଣାକୁ ଖୁବ୍ ପାଖରୁ ଭୋଗିଛନ୍ତି ବୋଲି ତାର ପ୍ରମାଣ ଏ କବିତା ସଙ୍କଳନରୁ ମିଳେ। କବି ପ୍ରଫେସର ପାଢ଼ୀଙ୍କ ଲିଖିତ 'ବିଟ୍ରେୟାଲ୍' କବିତା ଯାର ମୁକସାକ୍ଷୀ।

"I had smelled the hue
of late life's lazy blue
that which stole my sense
and missed south wind's
uneasy embrace
the evening stood up
hurling its restive air
at the distant thought,
the beginning and end
of our inherent love
I am witness
to my resigned self
and memory's break
To your betrayal,
of yesterday, today
and a disloyal future to make."

କବି ପ୍ରେମରେ ଭିଜିଛନ୍ତି ହଜିଛନ୍ତି ମଜ୍ଜିଛନ୍ତି ପୁଣି ବିରହ ବେଦନା ଓ ପ୍ରତାରଣାକୁ ଖୁବ୍ ପାଖରୁ ଭେଟିଛନ୍ତି । ଆଉ ସେ ପ୍ରେମରୁ ମୁକୁଳିବାର ବାଟ ଆଜି ବି କବି ଖୋଜୁଛନ୍ତି ।

ଆମେ ଜାଣୁ କବିଟେ ଈଶ୍ୱର ବଞ୍ଚିଥାଉ ଥାଉ ମଧ ସେ କଳ୍ପନା କରିପାରେ ତାର ଭବିଷ୍ୟତ ଓ ମୃତ୍ୟୁ ପରର ଜୀବନ । ଏଇ ଯେମିତି କବି ତାଙ୍କ ସଙ୍କଳନରେ ସ୍ଥାନ ଦେଇଛନ୍ତି ଏକ ସୁନ୍ଦର କବିତା 'ଦି ଲଙ୍ଗ ପୋଏମ୍ ଆଫ୍ଟର ଡେଥ୍' ଏ କବିତା ପଢିଲା ବେଳେ ମୋର ମନେ ପଡ଼ିଗଲା ଜୟନ୍ତ ମହାପାତ୍ର ଙ୍କ ଏକ କବିତା ଯାହା ସେ ତାଙ୍କ ମୃତ୍ୟୁର କିଛି ମାସ ପୂର୍ବରୁ ଲେଖିଥିଲେ 'ଏଇ ଆସନ୍ତା ଆଶ୍ୱିନ ଅଷ୍ଟମୀରେ ମତେ ପଞ୍ଚାନବେ ପୁରିପାରେ ନପୁରିବି ପାରେ' ଆଉ ସତକୁ ସତ ପଞ୍ଚାନବେ ପୁରିବାର କିଛିଦିନ ପୂର୍ବରୁ କବି ଦେହତ୍ୟାଗ କଲେ । ସତରେ କବି ମାନେ ଦ୍ୱିତୀୟ ଈଶ୍ୱର।

ପରେ ପରେ ମୁଁ ଭେଟେ କବିଙ୍କର ଆଉ ଏକ କବିତା 'ମେଲାନ୍‌କୋଲି' ଏ କବିତା ମତେ ମନେପକେଇଦେଲା ଜନ୍ କଇଟ୍ସଙ୍କର କବିତା 'ଓଡ୍ ଟୁ ମେଲାନ୍‌କୋଲି' ମାତ୍ର କବି ଏହାକୁ ନିଜସ୍ୱ ବାଗରେ ଲେଖିଛନ୍ତି। ଚମତ୍କାର ବର୍ଣ୍ଣନା ଶୈଳୀ ଓ ଶବ୍ଦ ଚାତୁରି। ଏ କବିତାର ଆରମ୍ଭ ଅତି ଚମତ୍କାର

"Melancholy, a moody
monsoon's foster fog
Hundreds of nights'
nervous shrug
My 'other' and Time's hug
Hurt Odyssey's lone prologue
Afternoon river's insane bank
Sleepy Catkins' currents shrank
Greeny mountains' eyes blank
and saddy sweetest,
that old skylark
April shower, morning rose!
Or, midnight's friend-
depression close!"

ଯେହେତୁ କବି ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ଜଣେ ଇଂରାଜୀ ପ୍ରଫେସର ସେଥିପାଇଁ ତାଙ୍କର ପ୍ରତିଟି କବିତାରେ ଇଂରାଜୀ ସାହିତ୍ୟର କିଛି ଧାଡି ଓ ଶବ୍ଦର ଛାପ ଦେଖିବାକୁ ମିଳେ ଏଇ ଯେମିତି ଏଇ କବିତାରେ ଓଡେଶେ, ସ୍କାଏଲାର୍କ ଇତ୍ୟାଦି ଦେଖିବାକୁ ମିଳେ ଏମିତି ଅନେକ କବିତା ଅଛି କବିଙ୍କର।

ଏ ସଙ୍କଳନ ଏକ ଏମିତି ସଙ୍କଳନ ଯାହାର କିଛି କବିତା ନୂଆ ନୂଆ ପ୍ରେମସିକ୍ତ ଯୁବଗୋଷ୍ଠୀ ପାଇଁ ଆଉ କିଛି ଆଧାତ୍ମିକ ଚେତନାର ମଣିଷ ମାନଙ୍କ ପାଇଁ ତ ପୁଣି ପ୍ରତାରଣାର ନିଆଁରେ ଜଳୁଥିବା ପ୍ରେମିକଟେ ପାଇଁ । ଏବଂ ବାପାକୁ ଜୀବନ ଠାରୁ ବେଶୀ ଭଲପାଉଥିବା ପୁଅଟିଏ ପାଇଁ । ସବୁ ଦିଗକୁ ପାଥେୟ କରି ଏ କବିତା ସଙ୍କଳନ ଖୁବ୍ ସଫଳ ଓ ବଳିଷ୍ଠ କବିତା ସଙ୍କଳନ। ମାତ୍ର ଏଇ ସଙ୍କଳନର ମୋଟ୍ ଅଡଷଠିଟି କବିତା ମଧ୍ୟରୁ ଶେଷ ପର୍ବରେ ମୁଁ ଅନୁଭବ କଲି କବି ଟିକିଏ ଅମନଯୋଗୀ ହୋଇପଡିଛନ୍ତି ଓ କବିତା ସଙ୍କଳନଟିଏ କରିବାର ମୋହରେ ଶେଷ ଆଡକୁ କିଛି କବିତାକୁ ଯଥେଷ୍ଟ ନ୍ୟାୟ ପ୍ରଦାନ କରିପାରି ନାହାନ୍ତି । ମାତ୍ର ଏହା ଆଜି କାଲିର କବି ମାନଙ୍କ କ୍ଷେତ୍ରରେ ଏକ ସ୍ୱାଭାବିକ ସମସ୍ୟା । ସେ ଯାହାବି ହେଉ କବି ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ ଏମିତି ଚିରକାଳ ଲେଖୁଥାଆନ୍ତୁ ଏମିତି ଆଧୁନିକତା ସହ ପୌରାଣିକ କିମ୍ବଦନ୍ତୀ ସବୁ ଯୋଡୁଥାନ୍ତୁ। ସାହିତ୍ୟରେ ବୁଡିକି ରୁହନ୍ତୁ ତାଙ୍କ କଲମ ଚିରସ୍ରୋତା ହେଉ ଏବଂ ସାହିତ୍ୟର ଜୟ ହେଉ ।



ଆଲେଖ୍ୟ -ବୀରେନ୍ଦ୍ର ନାୟକ
ଇଂରାଜୀ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୧୪
(ମୋ) ୭୩୭୭୯୪୨୮୫୦

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୮ ଜୁଲାଇ ୨୦୨୪



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଚେତନାର ଦର୍ପଣ - ୩୭

# ସତ୍ ସଙ୍ଗ



♥ ଲଳିତ ମୋହନ ମିଶ୍ର

ସତ୍ସଙ୍ଗ ଏହିଭଳି ଏକ ସାଧନ, ଯାହାର ମାଧ୍ୟମରେ ଜଣେ ବ୍ୟକ୍ତି ମାନବ ଜୀବନର ମୌଳିକ ଉଦ୍ଦେଶ୍ୟ ବିଷୟରେ ସୂଚନା ପାଇଥାଏ । ତେଣୁ ସେ ଧାର୍ମିକ ମାର୍ଗ ଆଡକୁ ଆକର୍ଷିତ ହୁଏ । ଜଣେ କୃଷକ ତାର କ୍ଷେତରେ ବାରମ୍ବାର ହଳ କରି ବିହନ ବୁଣେ । ଭଲ ଫସଲ କରେ । ଫସଲ ବଢିବା ଦ୍ୱାରା ସେଥିରେ ଥିବା ଅନାବନା ଗଛ ଗୁଡିକୁ ବାହାର କରି ଫିଙ୍ଗିଦିଏ । ସେଥିରୁ ଭଲ ଫସଲ ପାଇଥାଏ । ସେହିଭଳି ଜଣେ ସନ୍ଥ ମହାତ୍ମାଙ୍କ ଠାରୁ ସତ୍ସଙ୍ଗ ଶୁଣିବା ଏବଂ ତାହା ଉପରେ ଚିନ୍ତନ ମନନ କରିବା... ସେଥିରୁ ଭଲ ମନ୍ଦର ଅବଲୋକନ କରିବା ଦ୍ୱାରା ଆମର ଚିନ୍ତାଧାରା ସ୍ୱଚ୍ଛ ଓ ନିର୍ମଳ ହୋଇଯାଏ। ଜୀବନରେ ସୁଖ ଦୁଃଖ, ଖରା ଛାଇ ଭଳି ଆସିଥାଏ ଓ ଯାଇଥାଏ। ତଥାପି ମଧ୍ୟ ଅନେକ ଲୋକ ଜ୍ଞାନ ପ୍ରାପ୍ତି କରି, ଉତ୍ତମ ମାର୍ଗରେ ଚାଲିବାକୁ ପ୍ରୟାସ କରନ୍ତି । ଜୀବନର ସାମାନ୍ୟତମ ଅସୁବିଧାରେ ନିଜର ମାର୍ଗ ବଦଳାଇ ଦିଅନ୍ତି । ସଂକଳ୍ପ ଓ କଠିନ ପରିଶ୍ରମ ଦ୍ୱାରା ହିଁ ସଫଳତା ମିଳିଥାଏ । ଏଥିପାଇଁ ଅଧ୍ୟାତ୍ମ ମାର୍ଗର ପଥିକ ମନରେ କେବେ ବି ନକାରାତ୍ମକ ଚିନ୍ତାଧାରା ସ୍ଥାନିତ ହେବା ଉଚିତ୍ ନୁହେଁ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ଯେମିତି ପ୍ରାରମ୍ଭରେ ଯେତିକି କଷ୍ଟ କରିଥିଲେ ଜୀବନର ଶେଷ ପର୍ଯ୍ୟନ୍ତ ସେତିକି ଉତ୍ସାହ ରହିବା ଉଚିତ୍ । ଭକ୍ତ ପ୍ରହ୍ଲାଦଙ୍କୁ ଦେଖିଲେ ଲାଗେ, ତାଙ୍କ ଜୀବନରେ ଅନେକ କଷ୍ଟ ଆସିଥିଲା, କିନ୍ତୁ ସେ କେବେ ବି ଭକ୍ତି ମାର୍ଗକୁ ଛାଡି ନଥିଲେ । ସେ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ ପରମାତ୍ମାଙ୍କ ଶକ୍ତି ସର୍ବୋଚ୍ଚ ଶକ୍ତି , ଯାହା ପ୍ରତ୍ୟେକଙ୍କ ରକ୍ତ କଣିକାରେ ରହିଛି । ପ୍ରହ୍ଲାଦଙ୍କ ଏହି ବିଶ୍ୱାସକୁ ଅଧିକ ସୁଦୃଢ଼ କରିବା ପାଇଁ ହିଁ ଭଗବାନ ତାଙ୍କୁ ପରୀକ୍ଷା କରିଥିଲେ। ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ବ୍ୟକ୍ତି ଏତେ ବ୍ୟସ୍ତ ଯେ... ପରିବାରର ଭରଣ ପୋଷଣ ଓ ପରିଚାଳନାରେ ନିଜ ଜୀବନର ମୌଳିକ ଉଦ୍ଦେଶ୍ୟ ଭୁଲି ଯାଉଛି। ସବୁଠାରୁ ବଡ ଭୁଲ ଆମେ କରୁଛେ, ତାହା ହେଉଛି ଆମର ଆତ୍ମା ଭଗବାନଙ୍କର ଏକ ଅଂଶ ବିଶେଷ। ମାନବ ଜୀବନର ବାସ୍ତବିକ୍ ଉଦ୍ଦେଶ୍ୟ ହେଉଛି ଆତ୍ମଜ୍ଞାନ ପ୍ରାପ୍ତି ଦ୍ୱାରା ଆତ୍ମକଲ୍ୟାଣ । ବନ୍ଧନରୁ ମୁକ୍ତି ଏବଂ ଆନନ୍ଦ ଏକମାତ୍ର ଉପାୟ । ଏଥିରେ ସତ୍ସଙ୍ଗ ହିଁ ସବୁଠାରୁ ବଡ଼ ସହାୟକ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ପୁରସ୍କାର ଓ ପ୍ରତାରଣା

ଅଜୟ କୁମାର ବେହେରା

ପରିଶ୍ରମ କରି ଅନେକ ସମୟରେ କିଛି ଲୋକଙ୍କୁ ଫଳ ମିଳେ ନାହିଁ ପୁଣି କିଛି ଲୋକ ଠିକ ପରିଶ୍ରମ ନକରି କାହାରି ଅନୁକମ୍ପାରେ ଏକ ପଦବୀ ବା ଆୟକାରୀ ଧନ୍ଦାରେ ମୁତୟନ ହୁଅନ୍ତି। ପୂର୍ବେ ମୋଟ ଜନସଂଖ୍ୟାକୁ କିଛି ଜାତି ବର୍ଣ୍ଣ, ବିଭାଗରେ ବିଭକ୍ତ କରାଯାଇଥିଲା। ଲୋକେ ସ୍ୱ ସ୍ୱ ବୃତ୍ତିରେ ନିମଗ୍ନ ରହି ଉପାର୍ଜନକ୍ଷମ ପାଇଁ ଚେଷ୍ଟାରତ ଥିଲେ। ସ୍ୱ ବୃତ୍ତିରେ କି ଅଧିକ ରୋଜଗାର ହୋଇପାରିବ ଏ ଚିନ୍ତନରେ ଉଦଯୋଗୀମାନେ ନିଜର ମୌଳିକ ବୃତ୍ତିର ଶିକ୍ଷାକୁ ସୃଜନୀ ଶକ୍ତି ବଳରେ ବଢ଼ାଇ ଅଧିକ ରୋଜଗାର ଓ ସମ୍ମାନ ପାଉଥିଲେ କିନ୍ତୁ ଭାରତ ସ୍ୱାଧିନ ଠାରୁ ଏ ଦେଶରେ ଜାତି ଆଣ ଓ କୌଳିକ ବୃତ୍ତି ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯିବାରୁ ଦେଶରେ ବୃତ୍ତି ଅପହରଣ ବା ବହୁ ଲୋକଙ୍କୁ ବେକାର ବେରୋଜଗାରୀ କରିଦିଆଯାଇଛି।

ମୁଁ ପିଲାବେଳେ ଦେଖିଛି କୋଳଥ, ମାଣ୍ଡିଆ ଚାଷ ପ୍ରତ୍ୟେକ ଲୋକ ବାଡ଼ିରେ ଯେତିକି ସ୍ଥାନ ଅଛି ସେଥିରେ ଲଙ୍କା, ଜହ୍ନୀ, ଛତିନ୍ଦ୍ରା, କାଙ୍କଣ, ସାରୁ, ବାଇଗଣ କିଛି ଶାଗ ଚାଷ କରି ଗୃହର ତରକାରୀ ସମସ୍ୟା ତୁଟାଉଥିଲେ। ଧାନ ଚାଷ ପରେ ଜମି ପଡ଼ିଆ ନକରି ମୁଗ, ବରଗୁଡ଼ି ଚାଷ କରି, ଡାଲି ଜାତୀୟ ଫସଲ ଉଠାଉଥିଲେ। ବାଡ଼ିରେ କିଛି ଫାଙ୍କା ଜାଗାରେ ଓ ବର୍ଷାର କମିତି ହେଲାପରେ କୌଣସି ଢ଼ିଅ ସ୍ଥାନରେ ବିରି ଛାଟି ଦେଇ ବିରି ଅମଳ କରାଯାଉଥିଲା। ଟାଙ୍ଗର ଢ଼ିଅ ସ୍ଥାନରେ ହରଡ଼, କନ୍ଦୁଲ ବୁଣି ଡାଲି ଅମଳ କରୁଥିଲେ। କପାଚାଷ ଭେଡ଼ାରେ ଆକାଶୀ କପା ଲଗାଇ ଅନେକ ଥର କପା ତୋଳା ଯାଉଥିଲା ଓ ଫାଙ୍କା ବାଡ଼ିରେ କପା ଚାଷ ହେଉଥିଲା। ମାଟିଆଳୁ ଭେଡ଼ା କଡ଼ରେ ଲଗାଇ ସେ ଆଳୁକୁ ବର୍ଷରେ ଥରେ ବର୍ଷାଦିନ ପରେ ଖୋଳି ତର୍କାରୀ କରୁଥିଲେ। କଖାରୁ, ଲାଉ ପିଢ଼ାରେ ମଡ଼ାଇ ସେଥିରୁ ଫଳ ପାଇ ତର୍କାରୀ କଷ୍ଟ ମେଣ୍ଟାଉଥିଲେ। ଲୋକେ କଖାରୁ ମାଟିଆଳୁ ଭାର ବନ୍ଧୁ ଘରକୁ ଯାଉଥିଲା। ଏପରିକି ବନ୍ତଳ କଦଳୀ ଭାରରେ ଯାଉଥିଲା। ମାଟି କେବେ ଉଦଯୋଗୀ ଚାଷୀକୁ ପ୍ରତାରିତ କରେନାହିଁ। ଯେ ଉଦଯୋଗ ମାଟିରେ ଲଗାଏ ସେ ନିଶ୍ଚେ ପରିଶ୍ରମ ପାଏ ଏପରି ସମୟକୁ ପୁରସ୍କାର ପାଇଲା ବୋଲି ଭାବୁଥିଲା।

ପଶୁପାଳନ, ମତ୍ସ୍ୟପାଳନ, ପକ୍ଷୀ ପାଳନର ମନୁଷ୍ୟ ନିଶ୍ଚେ ଯତ୍ନ ଉପାୟ ଦ୍ୱାରା ପୁରସ୍କୃତ ହେବା ବୁଝିପାରୁଥିଲା। ଦୁଗ୍ଧ, ମାଂସ, ପଶୁର ବାଛୁରୀ ପାଉଥିଲେ। ଗୋଦୁଗ୍ଧ ତହିଁରୁ ଦହି, ଛେନା, ଘିଅ, ଲହୁଣୀ ଆଦି ବିଶୁଦ୍ଧ ଦ୍ରବ୍ୟ ଭୋଜନ ପାଇଁ ପଣ୍ୟଦ୍ରବ୍ୟ ରୂପେ ହାସଲ କରାଯାଉଛି। ଦିନକୁ ଚବିଶ ଘଣ୍ଟା ସପ୍ତାହ ସାତ ଦିନ ପକ୍ଷର ପନ୍ଦର ତିଥିରେ ଲୋକ କେବଳ ଆଳସ୍ୟରେ ଶୟନ ଖେଳ ବିଳାସ ବ୍ୟସନ ପରିଚର୍ଚ୍ଚାରେ କଟାଇଲେ ଅର୍ଜନ ଧନ ବା ସଞ୍ଚିତ ଧନ ଶୀଘ୍ର ବୃଥାରେ ଖର୍ଚ୍ଚ ହୋଇଥାଏ ମାତ୍ର କୃଷି ପଶୁପକ୍ଷୀ ପାଳନରେ ସମୟ ଦେଲେ ଧନ ବୃଦ୍ଧି ହୋଇ ଥାଏ ପରିଶ୍ରମ ସମୟ ମୂଲ୍ୟ ମିଳିଥାଏ। ଏହା ହିଁ ପୁରସ୍କାର। ସମୟ ହେଲା ଲୋକ କର୍ମକଣ୍ଠ ହେଲେ। ପରକୁ ଠକି ଗୋଲାମ କରି ନିଜର ନିତ୍ୟ ସମୟ ଓ ଜୀବନ ଧାରା ଆଗକୁ ବଢ଼ାଇବାରେ ଲାଗୁଛନ୍ତି ସେମାନେ ଆଗ ଉତ୍ତର ପୁରୁଷକୁ କେବଳ ଶ୍ରମଜୀବୀ ଜୀବନ ପରି ଜୀବନ କଟାଇବାକୁ ବାଧ କରିବେ। ଏବେ ହଳମଜୁରୀ କୃଷି ଶ୍ରମିକ ମଜୁରୀ ଯେତିକି ପାଠ ପଢ଼ି କଣ୍ଟ୍ରାକଚ୍ୟୁଆଲ କମ୍ପ୍ୟୁଟର ବା ଅନ୍ୟାନ୍ୟ ତତୁଲ୍ୟ ବୃତ୍ତିଧାରୀ ଶିକ୍ଷକମାନେ ପ୍ରାୟ ଦିନକୁ ସେହି ଅର୍ଥ ବି ପାଉ ନାହାଁନ୍ତି। କାଳକ୍ରମେ ଲୋକ ପ୍ରତିଯୋଗିତା ପ୍ରସ୍ତୁତ କରି ସଫଳ ନହେଲେ ଏପରି କଣ୍ଟ୍ରାକ୍ଟ ଚାକିରୀରେ ମୁତୟନକୁ ବାଧ ହେଉଛନ୍ତି। ପୂର୍ବେ ଓଭର ଟାଇମ କଲେ ପ୍ରକୃତ ମଜୁରୀର ଦୁଇ ଗୁଣ ମଜୁରୀ ପାଉଥିଲେ ଏବେ ପ୍ୟାକେଜ ଦରମାରେ ଏ ସବୁ ମଜୁରୀ ବଢ଼ାଇ ଲୋଭ ଦେଖାଯାଉଛି। ପ୍ରକୃତରେ ଏ ପ୍ରତାରଣା ଚାକିରୀ ପ୍ରବେଶରେ ପ୍ରାର୍ଥୀ ଏହାକୁ ପୁରସ୍କାର ମନେ କରୁଛନ୍ତି। ଦ୍ରବ୍ୟ ବଦଳରେ ଶ୍ରମ ଆମ ଦେଶରେ ଥିଲା। ଚାହାଳୀ ମାଷ୍ଟ୍ର ଆପଣେ ଚାଷ ଜମିରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଶ୍ଳିଷ୍ଟ ଗ୍ରାମର ଚାଷୀଙ୍କ ଶସ୍ୟ ଆମଦାନୀ ବେଳେ ଧାନ ହଳା ମାଗଣ କରି ଆଣି ନିଜର ବାର୍ଷିକ ଭୋଜନ ବ୍ୟବସ୍ଥା କରୁଥିଲେ। କମାର, ବଢ଼େଇ, ବାରିକ, କୁମ୍ଭାର ଏମାନେ ଧାନ ଅମଳ ବେଳେ ଧାନ କ୍ଷେତ୍ରରୁ କିଛି ହଳ ପାଉଥିଲେ ବା ବାର୍ଷିକ ଥରେ ବର୍ତ୍ତନ ଆକାରରେ ଧାନ ବା ଜମିରୁ ହେତା ପାଉଥିଲେ। ଯାହା ବଡ଼ ବଡ଼ ଜମି ମାଲିକମାନେ ତାଙ୍କର ଗୃହର ସେବା ପାଇଁ ପରିଶ୍ରମ କରି ଚାଷ କରି ଫସଲ ଉପୁଜାଇ ବର୍ଷକ ଖାଦ୍ୟ ପାଇଁ ଲାଗି ରହିବା ପାଇଁ ଜମି ପ୍ରଦାନ କରୁଥିଲେ। ନଡ଼ିଆ ଗଛରୁ ନଡ଼ିଆ ଖୋଳିବା ପାଇଁ ଫଳ ତୋଳି ସେ ଫଳରୁ କିଛି ଫଳ ନଡ଼ିଆ, ଗୁଆ, ତାଳବାହୁଙ୍ଗୀ, ସଜ ପାଇଁ ଦିଆଯାଉଥିଲା। ବର୍ତ୍ତମାନ ସବୁ ଟଙ୍କା ପଇସାରେ ମଜୁରୀ ଧାର୍ଯ୍ୟରେ ଲାଗୁ ହେଲାଣି। ସରକାରୀ ବ୍ୟବସ୍ଥା ଲୋକ ସୁବିଧା ଅସୁବିଧା ପାଇଁ ଅଛନ୍ତି। ପୁଣି ନେତା, ମନ୍ତ୍ରୀ ସମୟ ଅନୁସାରେ ପରିସ୍ଥିତି ସବୁ ସମୂହ ଭାବରେ ସମାଧାନ ପାଇଁ ଚେଷ୍ଟା କରିବା ସହିତ ଏକ ଏକ ଗୋଷ୍ଠୀ ବାଛି ତାଙ୍କର ସୁବିଧା ଚିନ୍ତା କରୁଛନ୍ତି। କିନ୍ତୁ ଏଥିରେ କିଛି ଭ୍ରାନ୍ତି ଯେ ରହୁଛି ଏକଥା କେହି ବିଚାରୁ ନାହାଁନ୍ତି। ନୀଳବର୍ଣ୍ଣ ଶୃଗାଳ ପରି ହୋଇ ସ୍ୱ ଶୃଗାଳ ଗୋଷ୍ଠୀକୁ ନପଚାରିବା ପରି ପଦବୀ ଆସିବାପରେ ହୋଇଯାଉଛନ୍ତି। ଅନେକ ବେଙ୍ଗ ସର୍ବ ମସ୍ତିଷ୍କରେ ବସି ନିଜକୁ ବଡ଼ ଭାବୁଛନ୍ତି। ବିପ୍ଳବ ଏମିତି ଆସିବ ଲୋକ ବିପ୍ଳବ ଏମିତି ହେବ ସବୁ ପଦ ପଦବୀ ଦିନେ ଖାର ହୋଇଯିବ। ଲୋକଙ୍କ ଭୋଟ ପୁରସ୍କାର ହୋଇଥିବା ପୁଣି ଦିନେ ଅଭିଶାପ ମାର୍ଗକୁ ଚାଲିଯିବ।

♥ ବରେଣ୍ୟ ବାଣୀ, ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ
(ମୋ) ୯୪୩୭୦୩୧୨୫୩

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

### (୩୫)
### ଅଧ୍ୟାପନା .. (୧୯୭୦ ଶେଷଭାଗରୁ '୭୧ ଆଦ୍ୟଭାଗ )

ଜୁଲାଇ ୭୦ରୁ ଅଧ୍ୟାପକ ଭାବରେ କାର୍ଯ୍ୟରେ ଯୋଗଦେଲି ଓ ଅଧ୍ୟାପନା କାମରେ ବ୍ୟସ୍ତ ରହିଲି । ଜଳେଶ୍ୱର ବଡବଜାର ସବ୍ ରେଜେଷ୍ଟ୍ରି ଅଫିସ ପାଖ ଈଶ୍ୱର ସାହୁଙ୍କ ଘର ଭଡାନେଇ ରହିଲି । ତାଙ୍କର ପୁଅ ଭଗବାନ ମୋର ସହପାଠୀ ଥିବା କଥା ପୂର୍ବରୁ ଆଲୋଚନା କରିଛି । ସେଠାରେ କିନ୍ତୁ ରନ୍ଧାବଢାର ସୁବିଧା ନଥାଏ । ତେଣୁ, ଷ୍ଟେସନ ପାଖରେ ଥିବା ଏକ ହୋଟେଲରେ ପ୍ରତିଦିନ ଖାଇଲି । ତେବେ ପ୍ରତିଦିନ ହୋଟେଲ ଖାଦ୍ୟ ଖାଇଲେ ଦେହ ହୁଏତ ଖରାପ ହୋଇପାରେ ଏଇ ଆଶଂକା ହେବାରୁ ଅନ୍ୟ ଏକ ଘର ଭଡା ନେଇ ରହିବା କଥା ଭାବି ନିଜେ ଘର ଖୋଜିବା ସହିତ ବନ୍ଧୁମାନଙ୍କୁ ଏ ଦିଗରେ ମୋତେ ସାହାଯ୍ୟ କରିବାପାଇଁ ଅନୁରୋଧ କଲି ।

ମୋର କିନ୍ତୁ ରାଜନୈତିକ ନିଶା ତୁଟି ନଥାଏ । ଅଧ୍ୟାପନା କାର୍ଯ୍ୟରେ କୌଣସି ଅବହେଳା ନକରି ଜନକଂଗ୍ରେସ ଦଳର ସାଂଗଠନିକ କାର୍ଯ୍ୟରେ ବ୍ୟସ୍ତ ରହିଲି । ମୋର ସହଯୋଗୀ ଥିଲେ ଶାନ୍ତିଆ ଗ୍ରାମର ନନୀଗୋପାଳ ନାଗ । ମୋଠୁ ବୟସରେ ସାନ, କିନ୍ତୁ ଅସରନ୍ତି କର୍ମ ଶକ୍ତିର ଧାରକ ଥିଲେ ସେ । କଲେଜରୁ ଫେରିବା ପରେ ଓ ଛୁଟିଦିନ ମାନଙ୍କରେ ଦୁହେଁ ବିଭିନ୍ନ ଗ୍ରାମକୁ ଯାଇ ଆମ ଦଳପ୍ରତି ସହାନୁଭୂତିଶୀଳ ବ୍ୟକ୍ତିମାନଙ୍କୁ ଭେଟୁଁ ଓ ଦଳର ସଭ୍ୟ କରୁ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଏ ଅଞ୍ଚଳ ଥିଲା ଡଃ ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଆମେ ତାଙ୍କ ଦଳର ଲୋକ ହୋଇଥିବାରୁ ମହତାବଙ୍କ ବଂଧୁ ଓ ସତୀର୍ଥମାନେ ଆମକୁ ଆଦର କରୁଥିଲେ । ଆମ କାମ ଜୋରସୋରରେ ଚାଲିଥାଏ ।

ସେହି ସମୟରେ 'ଦୀନକୃଷ୍ଣ ସ୍ମୃତି ସଂସଦ' ଗଠିତ ହୁଏ ଅଧ୍ୟାପକ ମଧୁସୂଦନ ଦାସ ଓ ବିପ୍ଳବୀ କବି ବନମାଳୀ ସେନାପତିଙ୍କ ନେତୃତ୍ୱରେ । ମୁଁ ସେଥିପ୍ରତି ଆକୃଷ୍ଟ ହୁଏ ଓ ଅଂଶ ଗ୍ରହଣ କରେ ।

ଏତଦ୍ ବ୍ୟତୀତ ଜଣେ ଜୀବନବୀମା ଏଜେଣ୍ଟ ଭାବରେ ବ୍ୟବସାୟ ମଧ୍ୟ କରୁଥାଏ ।

ଗାଆଁରେ ଥିବା ମୋ ସ୍ତ୍ରୀ ଓ ରୋଗଗ୍ରସ୍ତ ବାପା ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ତଥା ଚାଷବାସ କଥା ବି ବୁଝୁଥାଏ । ସବୁକାମ ଭିତରେ ଏକ ସୁନ୍ଦର ସମନ୍ୱୟ ରକ୍ଷା କରିପାରି ଥିବାରୁ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷ କେହି କେବେହେଲେ ମୋର କର୍ତ୍ତବ୍ୟରେ ଅବହେଳା ସଂପର୍କରେ ଆପତ୍ତି କରି ନାହାନ୍ତି।

ଏହିଭଳି ସବୁକିଛି ସୁରୁଖୁରୁରେ ଚାଲିଥିବା ସମୟରେ, ପ୍ରାୟ ଦୁର୍ଗାପୂଜା ସମୟରେ ସ୍ୱତନ୍ତ୍ର -ଜନକଂଗ୍ରେସ ଦଳ ଭିତରେ ଆଉ ଭଲ ବୁଝାମଣା ନଥିବା ଓ ମହତାବଜୀ ଜନକଂଗ୍ରେସ ଦଳ ମିଳିତ ମନ୍ତ୍ରୀ ମଣ୍ଡଳରୁ ଓହରି ଆସିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନ ଓ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର ,ସୁରେନ୍ଦ୍ର ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ , ହିମାଂଶୁ ପାଢୀ ଏବଂ ମନମୋହନ ଟୁଡୁ ପ୍ରଭୃତି (ସମସ୍ତେ ଜନକଂଗ୍ରେସ ଦଳର ।)ଙ୍କ ଉପରେ ଚାପ ପ୍ରୟୋଗ କରୁଥିବା ସଂପର୍କରେ ଶୁଣିବାକୁ ମିଳିଲା । ଶେଷରେ ପ୍ରାୟ ବର୍ଷ ଶେଷସୁଦ୍ଧା ଜନକଂଗ୍ରସ ଦଳ ସମର୍ଥନ ପ୍ରତ୍ୟାହାର କରିବାରୁ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଇସ୍ତଫା ଦେଲେ । ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା । ସମସ୍ତ ରାଜନୈତିକ ଦଳ ୧୯୭୧ରେ ନିର୍ବାଚନ ପାଇଁ ପ୍ରସ୍ତୁତ ହେଲେ । ଜଳେଶ୍ୱରର ଜନକଂଗ୍ରେସ ଦଳ ମୁଖ୍ୟତଃ ଆମ ପାଞ୍ଚଜଣଙ୍କ ଉପରେ ନିର୍ଭର କରୁଥାଏ । ଆମେ ହେଲୁ ଅଲାଲପୁରର ରାମଶଙ୍କର ଦାସ ମହାପାତ୍ର, ଲକ୍ଷ୍ମଣନାଥର ଅଟଳ ବିହାରୀ ମହାନ୍ତି, ଜଳେଶ୍ୱରର ବନମାଳି ସେନାପତି, ନନୀଗୋପାଳ ନାଗ ଓ ମୁଁ । ସେତିକି ବେଳେ, କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ସରକାର ଇସ୍ତଫା ଦେବାରୁ ଲୋକସଭା ନିର୍ବାଚନ ଅନିର୍ବାର୍ଯ୍ୟ ହୋଇ ପଡିଲା । ତେଣୁ, ଓଡିଶାରେ ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ହେବାର ସ୍ଥିର ହେଲା। କେବଳ ଓଡିଶାରେ ନୁହେଁ, ସାରା ଭାରତର ରାଜନୈତିକ ସମୀକରଣ ବଦଳିଗଲା ।

ସେହି ସମୟରେ, ଡଃ ମହତାବ ଜନକଂଗ୍ରେସ ଦଳ ତ୍ୟାଗକରି କଂଗ୍ରେସରେ ଯୋଗଦେଇ ପାରନ୍ତି ବୋଲି ଶୁଣାଗଲା। ମହତାବଜୀଙ୍କୁ ବାଦଦେଇ ଓଡିଶାରେ ବିଶେଷତଃ ବାଲେଶ୍ୱର ଜିଲ୍ଲାରେ ଜନକଂଗ୍ରେସର ଅସ୍ତିତ୍ୱ ସଂପର୍କରେ ଚିନ୍ତା କରିବା ଧୃଷ୍ଟତା ହେବ --ଏଇଆ ଭାବି ଓ ତାଙ୍କର ଭବିଷ୍ୟତ ପଦକ୍ଷେପ ସଂପର୍କରେ ଜାଣିବାପାଇଁ ମହତାବଜୀଙ୍କ ପାଖକୁ ଏକ ପତ୍ର ଲେଖିଲି । ତାର ଉତ୍ତରରେ ୨୦.୧.୭୧ରେ ସେ ମୋ ପାଖକୁ ଲେଖିଲେ , 'ଶ୍ରୀକାନ୍ତ, ତମର ପତ୍ର ପାଇଲି । ବର୍ତ୍ତମାନ ଶାସକ କଂଗ୍ରସକୁ ଲୋକସଭା ନିର୍ବାଚନରେ ମୁଁ ସମର୍ଥନ କରୁଛି । ଜନକଂଗ୍ରେସ ଦଳ ଆନୁଷ୍ଠାନିକ ଭାବରେ କିଛି ନିଷ୍ପତ୍ତି ନେଇନାହାନ୍ତି ।'

(ଏ ଚିଠି ମୋ ପାଖରେ ରହିଛି )

ତାଙ୍କର ଏଭଳି ଉତ୍ତର ସ୍ପଷ୍ଟଭାବରେ ଜଣାଇଦେଲା ଯେ ସେ ଆଉ ଜନକଂଗ୍ରେସ ଦଳରେ ନଥିଲେ । ଆମ ମଥାରେ ବଜ୍ରାଘାତ ହେଲା ଭଳି ଅନୁଭବ କଲୁଁ ।

(କ୍ରମଶଃ)



♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ହର ହର ମହାଦେବଙ୍କ ମହାତତ୍ତ୍ୱ : ବୋଲବମ୍ ଯାତ୍ରା



ଉମେଶ ଚନ୍ଦ୍ର ପାତ୍ର

> ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି। ଏହି ମାସରେ ଆଶା ପୂର୍ଣ୍ଣ ହୁଏ। ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ। ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତ୍ତିର ମାସ।

ଶ୍ରାବଣ ମାସକୁ ମାସୋତ୍ତମ କୁହାଯାଏ। ଏ ମାସର ପ୍ରତ୍ୟେକ ଦିନ ଏକ ନୂଆ ଆଲୋକ ଦେଖାଏ। ଏଥିସହ ଜଡ଼ିତ ସମସ୍ତ ଦିନର ଭିନ୍ନ ଭିନ୍ନ ଧାର୍ମିକ ରଙ୍ଗ ଏବଂ ବିଶ୍ୱାସ ଥାଏ। ଶ୍ରାବଣ ନକ୍ଷତ୍ର ତଥା ସୋମବାର ସହ ଭଗବାନ ଶିବଶଙ୍କରର ଗଭୀର ସଂପର୍କ ରହିଛି। ଏହି ମାସରେ ଆଶା ପୂର୍ଣ୍ଣ ହୁଏ। ଗ୍ରୀଷ୍ମ ପରେ ଶ୍ରାବଣ ମାସରେ ପୃଥିବୀ ତୃପ୍ତ ହୁଏ ଏବଂ ସବୁ ପ୍ରାଣୀଙ୍କର ଇଚ୍ଛାପୂର୍ଣ୍ଣ କରେ। ଏହି ଦୃଷ୍ଟିରୁ ଶ୍ରାବଣ ମାସ ଇଚ୍ଛା ପୂର୍ତ୍ତିର ମାସ। ଏହି ମାସରେ ବ୍ରତ ରଖିଲେ ମୃତ୍ୟୁପରେ ଶିବଲୋକ ପ୍ରାପ୍ତ ହୁଏ। ଏହି ମାସରେ ଶିବ ଭକ୍ତମାନେ ଜ୍ୟୋର୍ତିଲିଙ୍ଗ ଦର୍ଶନ ଏବଂ ଜଳାଭିଷେକ ଦ୍ୱାରା ଅଶ୍ୱମେଧ ଯଜ୍ଞ ସମାନ ଫଳ ଲାଭ କରନ୍ତି। ଏହି ମାସରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଏବଂ ଶିବ ପଞ୍ଚାକ୍ଷର ମନ୍ତ୍ର ଜପ କଲେ ଶୁଭ ଫଳ ବୃଦ୍ଧି ହୁଏ। ସହସ୍ର ସହସ୍ର ଭକ୍ତ ହର ହର ମହାଦେବ ଓ ବ୍ୟୋମ ବ୍ୟୋମ ବ୍ୟୋମ ବିଶ୍ୱନାଥ ଉଚ୍ଚାରଣ କରି ଭକ୍ତି ଓ ଏକାଗ୍ରତା ସହକାରେ ଜଳାଭିଷେକ କରନ୍ତି।

ଭଗବାନ ଶିବଙ୍କ ମୂର୍ତ୍ତି ଓ ଶିବଲିଙ୍ଗ ଉପରେ ଜଳ ଚଢ଼ାଇ ତାଙ୍କର ମନସ୍କାମନା ଜଣାଇ ମାନସିକ ଶାନ୍ତି ଓ ଏକାଗ୍ରତା ଲାଭ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକା ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛନ୍ତି। ତୀବ୍ର ଗତିରେ ଭ୍ରମଣ କରୁଛନ୍ତି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛନ୍ତି। ଏହାଫଳରେ ସେଠାରେ ସର୍ବଦା ଓଁ ଓଁ – ବ୍ୟୋମ ବ୍ୟୋମ ଶବ୍ଦ ଉଚ୍ଚାରଣ ହେଉଛି। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ



ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି – ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ।

ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ତ୍ରୀଶୂଳ ମହାଦେବଙ୍କ ଅସ୍ତ୍ର। ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରୀଶୂଳ ଉଦ୍ଦିଷ୍ଟ। ଏହା ସାଙ୍ଗରେ ଅଛି ଡମ୍ବରୁ। ସେଥିପାଇଁ କୁହାଯାଏ ସେ ଡମ୍ବରୁଧର। ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ। ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି। ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର।

ଏହି ପ୍ରଜ୍ଞାନେତ୍ରରୁ କ୍ରୋଧବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ। ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ।

ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ତନ୍ତ୍ରଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ଇଷ୍ଟ ହେଲେ ଶିବ ରାଖିବାରେ ନାରେ'। ଶିବଙ୍କର ଅନ୍ୟଏକ ନାମ ମୃତ୍ୟୁଞ୍ଜୟ। ଏହି ଶିବ ବ୍ୟକ୍ତିତ୍ୱଙ୍କୁ ପୂଜା ଓ ଭକ୍ତି ମାଧ୍ୟମରେ ଚାରିତ୍ରିକ ଦ୍ୟୁତିରେ ମନୁଷ୍ୟ ମୃତ୍ୟୁକୁ ଜୟ କରିପାରେ। ଶିବ ଅତି ଶୀଘ୍ର ପରିତୁଷ୍ଟ ହୁଅନ୍ତି ବୋଲି ତାଙ୍କର ଅନ୍ୟ ଏକ ନାମ ଆଶୁତୋଷ। ଇଷ୍ଟଗୁରୁଙ୍କୁ ତୁଷ୍ଟ କଲେ ଶିବ ତୁଷ୍ଟ ହୁଅନ୍ତି। ଶିବଙ୍କର ଉପାସକମାନେ ଶୈବ ନାମେ ପରିଚିତ। ଶିବଲିଙ୍ଗରେ ପାଣି ଢ଼ାଳିବାର ଅର୍ଥ ହେଉଛି ମନୁଷ୍ୟର ଯୌନ ଜୀବନକୁ ଧୀର, ସ୍ଥିର, ସୁସ୍ଥ, ଶାନ୍ତ ଓ ସୁନିୟନ୍ତ୍ରିତ ରଖିବା। ଏହି ଯୌନ ଜୀବନ ଶାନ୍ତ ହେଲେ ମଣିଷର ଜୀବନ ଶାନ୍ତ, ନିରାମୟ ଓ ସମାଜର କଲ୍ୟାଣ ସାଧନ ହୁଏ। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି।

♥ ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) : ୯୪୩୭୦୫୧୯୫୭

# ପ୍ରଫେସର ମଣୀନ୍ଦ୍ର ମେହେରଙ୍କୁ ଜନ୍ମଦିନର ଶୁଭେଚ୍ଛା ସହ ଆଶୁ ଆରୋଗ୍ୟ କାମନା



ଭୁବନେଶ୍ୱର, ୨୭/୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ତାଙ୍କ ୬୨ତମ ଜନ୍ମଦିନ ପାଇଁ ଓଡ଼ିଶାର ବିଶିଷ୍ଟ ଲେଖକ, ଶିକ୍ଷାବିତ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ପ୍ରଶ୍ୱାବ ନିଷ୍କାସନରେ ସମସ୍ୟା ସୃଷ୍ଟି ହେବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେଣୁ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଜ୍ଞାନପୀଠ ପୁରସ୍କାର ବିଜୟିନୀ ଡକ୍ଟର ପ୍ରତିଭା ରାୟ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଗାଳ୍ପିକା ଗାୟତ୍ରୀ ସରାଫ, ସରୋଜ ବଳ, ମନୋରମା ବିଶ୍ୱାଳ ମହାପାତ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଡକ୍ଟର ହୃଷିକେଶ ମଲ୍ଲିକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରିଛନ୍ତି। ବାଲେଶ୍ୱର ତଥା ଫକୀରମୋହନ ବିଶ୍ୱବିଦ୍ୟାଳୟର ତାଙ୍କ ସହକର୍ମୀ ଓ ଅବସରପ୍ରାପ୍ତ ପ୍ରଫେସରବୃନ୍ଦ ମଧ୍ୟ ପ୍ରଫେସର ମେହେରଙ୍କ ଆରୋଗ୍ୟ କାମନା କରିଥିବା ଉଲ୍ଲେଖନୀୟ। ଧ୍ୱନି ପ୍ରତିଧ୍ୱନି ପକ୍ଷରୁ ପ୍ରଫେସର ମେହେରଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ ସହ ତାଙ୍କ ସୁସ୍ଥ ସୁଦୀର୍ଘ ସାରସ୍ୱତ ସାଧନାମଗ୍ନ ଜୀବନ ନିମନ୍ତେ ଈଶ୍ୱରଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା କରାଯାଉଛି।

# ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା: ଯୁବକ ଗିରଫ

ଜୟପୁର , ୨୭/୭ (ନି.ପ୍ର): ଯୁବତୀଙ୍କୁ ବିବାହାର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ପରେ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ଜୟନଗର ଗାଦବା ସାହିର ଅକ୍ଷୟ କୁମାର ପଟ୍ଟନାୟକ (୩୫) । ପୋଲିସ ସୁଚନା ଅନୁଯାଇ ଅଭିଯୁକ୍ତ ଅକ୍ଷୟ କୁମାର ପଟ୍ଟନାୟକଙ୍କର ୨୦୨୩ ମସିହାରେ ଯୁବତୀଙ୍କ ସହ ସମ୍ପର୍କ ହୋଇଥିଲା । ବିବାହର ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖି ଗର୍ଭପାତ ମଧ୍ୟ କରିଥିଲା । ପରେ ବିବାହ କରିବାକୁ ମନା କରିବାରୁ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଜୟପୁର ମହିଳା ଥାନା ଅଧିକାରି ଅନିତା କୁଜୁର ସୁଚନା ଦେଇଛନ୍ତି ।

# ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଶିଳ୍ପ ଯନ୍ତ୍ର ବୈଠକ



ବାରିପଦା, ୨୭/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ନିବେଶ ପ୍ରୋତ୍ସାହନ ଏଜେନ୍ସି (ଡିଓଚଇ) ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଶିଳ୍ପ ଯନ୍ତ୍ର ବୈଠକ ଗୁରୁବାର ଦିନ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାର ୪ଟି ଉପଖଣ୍ଡର ଉପଜିଲ୍ଲାପାଳ ଏବଂ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ କମ୍ପାନୀ ମାନଙ୍କ ମଧ୍ୟରୁ ୨୭ ଗୋଟି ଶିଳ୍ପପତି ଏବଂ ଉଦ୍ୟୋଗୀ ଭାଗ ନେଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ, ବିଭିନ୍ନ ଶିଳ୍ପରୁ ଡିଓଚଇ ଦଳ ଦ୍ୱାରା ସଂଗୃହିତ ୧୭ଟି ଅଭିଯୋଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ, ଜଙ୍ଗଲ ବିନିଯୋଗ ଯୋଜନାକୁ ତ୍ୱରାନ୍ୱିତ କରିବା, ବାଦାମପାହାଡ଼ ଲୁହାପଥର ବ୍ଲକର ଲିଜ୍ ଅଞ୍ଚଳରୁ ବେଆଇନ ଜବରଦଖଲ ହଟାଇବା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା, ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରୀ ବିଦ୍ୟାଳୟ ପୋଷାକ ଯୋଗାଣ ପାଇଁ ବିଚାର ,ଶିଳ୍ପ କାର୍ଯ୍ୟକଳାପ ପାଇଁ ରାଜସ୍ୱ ଜମି / ଇଡ଼କୋ ଜମି ବଣ୍ଟନ ଏବଂ ନିୟମିତକରଣ, ସମସ୍ତ ସରକାରୀ ନିର୍ମାଣ ଏବଂ କଲ୍ୟାଣକାରୀ ଯୋଜନାରେ ନିୟମିତ ଇଟା ଭାବରେ ଧାନ ଭୁଷିରୁ ପ୍ରସ୍ତୁତ ପାଉଁଶ ଇଟା ବ୍ୟବହାର, କାର୍ଯ୍ୟରତ ଶିକ୍ଷାନୁଷ୍ଠାନରେ ବିଦ୍ୟୁତ୍ ଶକ୍ତି ସଂଯୋଗ, ରାଇରଙ୍ଗପୁର ଶିଳ୍ପ କ୍ଷେତ୍ରର ବିକାଶ, ବିଦ୍ୟମାନ ଶିଳ୍ପ ବିସ୍ତାର ପାଇଁ ଜମିର ରୂପାନ୍ତର ଭଳି ବିଭିନ୍ନ ଅଭିଯୋଗ ଏବଂ କାର୍ଯ୍ୟପନ୍ଥା ବିଷୟରେ ଜିଲ୍ଲାପାଳ, ଶିକ୍ଷାନୁଷ୍ଠାନର ମୁଖ୍ୟ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ, ୭ ରୁ ୧୫ ଦିନ ମଧ୍ୟରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ ପାଇଁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ।ଏହି ବୈଠକରେ ଆଇଏଏସ୍ (ପ୍ରୋବେସନର) ସୁଶ୍ରୀ ଆଶନି ଏ.ଏଲ, ସମସ୍ତ ଉପଜିଲ୍ଲାପାଳ, ଜେନେରାଲ୍ ମ୍ୟାନେଜର ଜିଲ୍ଲା ଶିଳ୍ପ କେନ୍ଦ୍ର, ଜମି ଅଧିକାରୀ, ଡିଭିଜନାଲ ମୁଖ୍ୟ-ଇଡ଼କୋ, ଅଧିକ୍ଷଣ ଯନ୍ତ୍ରୀ, ଟିପିଏନଡ଼ିଏଲ ଖଣି ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଓଡିଶା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଂଘର ସଭାପତି, ସିଜିଏମ୍ - ରୁଙ୍ଗଟା ମେଟାଲ୍ସ ପ୍ରାଇଭେଟ ଲିମିଟେଡ୍ ଏବଂ ଆରଆରସି ଷ୍ଟିଲ୍ ୱାର୍କସ୍ ଏବଂ ଜିଏମ୍ ଆଇରନ୍ ଏବଂ ଷ୍ଟିଲ୍ କମ୍ପାନୀ ଲିମିଟେଡ, ମାଇନ୍ସ ମ୍ୟାନେଜରଙ୍କ ସମେତ ଜିଲ୍ଲାର ପ୍ରମୁଖ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ଭାରତକୁ ବିକଶିତ କରିବାରେ...

ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏବଂ ଏକାଧିକ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥାନ୍ତି। ଆଜିର ବୈଠକରେ ବିଜେପି ଶାସିତ ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀମାନଙ୍କୁ ସରକାରଙ୍କ ପ୍ରମୁଖ ସଫଳତା ବାବଦରେ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେମାନଙ୍କ ରାଜ୍ୟରେ ସରକାରଙ୍କ ପ୍ରଦର୍ଶନ ଏବଂ ସରକାରୀ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେ ବାବଦରେ ଆଲୋଚନା କରିବାକୁ କୁହାଯାଇଥିଲା। ଏହି ବୈଠକକୁ ଇଣ୍ଡିଆ ବ୍ଲକର ଅନେକ ମୁଖ୍ୟମନ୍ତ୍ରୀ ବୟକଟ୍ କରିଛନ୍ତି। କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତେଲାଙ୍ଗାନା, ତାମିଲନାଡୁ, କେରଳ ଓ ପଞ୍ଜାବର ମୁଖ୍ୟମନ୍ତ୍ରୀମାନେ ବୈଠକକୁ ଯାଇନାହାନ୍ତି। କିନ୍ତୁ ବେଙ୍ଗଲ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକକୁ ଯାଇଥିଲେ ମଧ୍ୟ ସେ ଅଧାରୁ ହଙ୍ଗାମା କରି ଚାଲି ଆସିଥିବା ଜଣାପଡିଛି। ବୈଠକରେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଇ ନାହିଁ, ତାଙ୍କ ମାଇକକୁ ମ୍ୟୁଟ୍ କରି ଦିଆଯାଇଛି ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧାରୁ ଚାଲି ଆସିଛନ୍ତି। ସେପଟେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ବୈଠକକୁ ନ ଯିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

## ୬ ବର୍ଷର ଝିଅ ସହ ୮ ମାସର ...

ସ୍ୱାମୀଙ୍କୁ ନକହି ମତି ତାଡିଂ ଓ ତାଙ୍କ ଝିଅ ମାଆ ଗୃହଠାରୁ ୧୦୦ ମିଟର ଦୂରରେ ଥିବା ଝାଞ୍ଜାବତୀ ନଦୀ ପଠାକୁ ଶୈଚ ପାଇଁ ଯାଇଥିଲେ। ଅଭିଯୋଗ ଅନୁସାରେ ମତିଙ୍କ ଝିଅ ନଦୀ ପାଣିରେ ଶୈଚ ବେଳେ ଭାସି ଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ମତି ଭାସି ଯାଇଥିବା ଆଲୋଚନା ହେଉଛି। ଏବେ ସୁଦ୍ଧା ସେମାନଙ୍କ ପତ୍ତା ମିଳୁନି। ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ଲୋକ ଓ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନଦୀରେ ପ୍ରଖର ବେଗରେ ପାଣି ପ୍ରବାହିତ ହେଉଥିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ହେଉଛି।

## କଣ ପାଇଁ ଫେଲ୍ ହେଲା...

ବନ୍ଦ କରିଛନ୍ତି। ଯେଉଁଥିପାଇଁ ରାଜ୍ୟରେ ଆଳୁ ଶଙ୍କଟ ଦେଖାଦେଇଛି। ଯେଉଁ ଆଳୁ ୧୫ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଛି। ଆଳୁ ଅଭାବୀକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ପୂର୍ବ ସରକାରଙ୍କ ଉପରେ ବର୍ଷିଛନ୍ତି ବର୍ତ୍ତମାନର ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଜେଡିକୁ ଟାର୍ଗେଟ କରି ମନ୍ତ୍ରୀ କହିଛନ୍ତି, ୨୪ ବର୍ଷ ଦରି ରହିଥିଲେ। କୌଣସି ସମସ୍ୟାର ସମାଧାନ କରିପାରିଲେ ନାହିଁ। ଆଳୁ ମିଶନ୍ ଫେଲ୍ ହେଲା। ଆଳୁ ଚାଷ ପାଇଁ କୃଷକଙ୍କୁ ପାଣି ଦେଲେନି। ବିହନ ଦେଲେନି। ପ୍ରୋତ୍ସାହନ ଦେଲେନି। ଶୀତଳଭଣ୍ଡାର କଲେନି। ଆଳୁ ଓ ପିଆଜ, କେଉଁଥିରେ ସ୍ୱୟଂ ସଂପନ୍ନ କରିପାରିଲେ ନାହିଁ। ତାହା ହେଲେ ତୁମେ(ବିଜେଡି) ୨୪ ବର୍ଷ ଧରି କ'ଣ କରୁଥିଲ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଯୋଗାଣ ମନ୍ତ୍ରୀଙ୍କ ଆରୋପର ଜବାବ ଦେଇଛି ବିଜେଡି। ପୂର୍ବତନ ବିଧାୟକ ଦେବୀ ମିଶ୍ର କହିଛନ୍ତି, ଅନ୍ୟକୁ ଦୋଷ ଦେବା ସହଜ। କେଉଁ କାରଣରୁ ଆଳୁ ମିଶନ ଆଗେଇ ପାରିଲାନି, ତାହାର କାରଣ ଖୋଜି ଏବେକାର ସରକାର ତା'ର ସଫଳ ରୂପାୟନ କରି ଦେଖାନ୍ତୁ ବୋଲି ସେ କହିଛନ୍ତି। ସେପଟେ କିନ୍ତୁ ବିଜେପି ଓ ବିଜେଡିକୁ ସମାଲୋଚନା କରି କଂଗ୍ରେସ। ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଉଭୟେ ରାଜ୍ୟରେ ୯ ବର୍ଷ ମିଶିକି ଶାସନ କରିଥିଲେ। ତା'ପରେ ବିଜେପି ଏକାକୀ କେନ୍ଦ୍ରରେ ୧୦ରୁ ଅଧିକ ବର୍ଷ ହେଲା କ୍ଷମତାରେ ଅଛି। ତଥାପି କେହି ଓଡ଼ିଶାକୁ ଧ୍ୟାନ ଦେଇନାହାନ୍ତି।

## ଦିଲ୍ଲୀରେ ମମତାଙ୍କୁ ଭେଟିଲେ...

ହେଉଛି ରାଜଧାନୀ ଭୁବନେଶ୍ୱରର ରେଟ୍। ରାଜ୍ୟର ଅଞ୍ଚଳ କଥା ନକହିବା ଭଲ। ସେପଟେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆମଦାନୀ ସ୍ୱାଭାବିକ ହୋଇଛି। ରାଜ୍ୟରେ ଆଳୁ ଦର ନିୟନ୍ତ୍ରଣରେ ଥିବା ବେଳେ ଦର ସ୍ୱାଭାବିକ ହେଉଛି। ପଶ୍ଚିମବଙ୍ଗରୁ ଆଳୁ ଆସୁନଥିବାରୁ ଦର ବଢ଼ିଥିଲା। ଏବେ ଆସିବା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା ପରେ ଆଳୁ ଆସିବା ଆରମ୍ଭ ହୋଇଛି। ବଜାର ଦର ଧିରେ ଧିରେ ସ୍ୱାଭାବିକ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କମୁନି ଆଳୁ ଟେନସନ୍। ଗୋଦାମରେ ବସ୍ତା ବସ୍ତା ଆଳୁ ଗଦା ରହିଛି। ଖୁଚୁରା ବଜାରରେ ମହଜୁତ ରହିଛି ଆଳୁ। କିନ୍ତୁ ଗ୍ରାହକ ଖାଲି ହାତରେ ଫେରୁଛି। କାରଣ ଖୁଚୁରା ବିକିବାକୁ ମନା କରିଦେଉଛନ୍ତି ବ୍ୟବସାୟୀ। ଯଦି କେଉଁଠି ଖୁଚୁରା ଆଳୁ ବିକ୍ରି ହେଉଛି, କିଲୋ ୪୫ ଟଙ୍କା ଭଳି ଚଢ଼ା ଦରରେ କିଣିବାକୁ ବାଧ ହେଉଛି ଗ୍ରାହକ। ଖୁଚୁରା ବ୍ୟବସାୟୀ କହୁଛନ୍ତି, ସରକାର ଧାର୍ଯ୍ୟ କରୁଥିବା ଦରରେ ଖୁଚୁରା ବିକି ହେବନି। ଗାଡ଼ି ଭଡ଼ା ଦେଇ ଆଳୁ ଆଣିବୁ। ପଚାସଢ଼ା ମଧ୍ୟ ଯାଉଛି। ଯେତିକିରେ କିଣୁଛୁ ସେତିକିରେ ବିକି ହେବନି, କ୍ଷତି ସହିବୁ। ତେଣୁ ବସ୍ତା ହିସାବରେ ବିକୁଛୁ।

## ଭୂସ୍ଖଳନ ଯୋଗୁ ଭୁଶୁଡ଼ିଲା ...

କହିଛନ୍ତି, ସରିତା ଦେବୀଙ୍କ ଘରର ପଛ ଭାଗକୁ ଲାଗିଥିବା ଗୋଟିଏ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଧ୍ୱଂସାବଶେଷ ତଳେ ସରିତା ଦେବୀ ଓ ତାଙ୍କ ଝିଅ ଚାପି ହୋଇଯାଇଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧମା ବର୍ଷା ଓ ଭୂସ୍ଖଳନ ଯୋଗୁ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ କହିଛନ୍ତି। ଏଥିସହ ସେ ସବୁ ଅଧିକାରୀଙ୍କୁ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଗାଣ ବର୍ଷା ଯୋଗୁ ଧର୍ମଗଙ୍ଗା ନଦୀ ଫୁଲିବାରେ ଲାଗିଛି। ଏଥିପାଇଁ ବୁଧାକେଦାର ଠାରେ ଥିବା ଏକାଧିକ ଦୋକାନ ବନ୍ୟା ପାଣିରେ ଭାସି ଯାଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ଏକାଧିକ ବ୍ରିଜ କ୍ଷତିଗ୍ରସ୍ତ ହୋଇଛି। ନଦୀ କୂଳିଆ ଅଞ୍ଚଳର ଲୋକଙ୍କୁ ବନ୍ୟା ଯୋଗୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

# ବାୟାପଡା ଘାଟିରେ ବଡ଼ ଧରଣର ଭୂସ୍ଖଳନ

ମାଲକାନଗିରି, ୨୭/୭ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲାରେ ପୁଣି ଦୟନୀୟ ସ୍ଥିତି। କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ବାୟାପଡା ଘାଟିରେ ବଡ଼ ଧରଣର ଭୂସ୍ଖଳନ ହେବା ଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛନ୍ତି ୧୮ ଟି ଗାଁର ବାସିନ୍ଦା। ଘାଟିରେ ତୁମ୍ବାପଦର ନିକଟରେ ଭୂସ୍ଖଳନ ହୋଇଥିବା ବେଳେ ଯାତାୟତ ପାଇଁ କାଠ ପୋଲ ନିର୍ମାଣ କରି ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି ଅଂଚଳ ବାସିନ୍ଦା। କେବଳ ପାଦଚଲା ରାସ୍ତା ଖଣ୍ଡିକ ରହିଛି। ମୋଟର ସାଇକେଲ କିମ୍ବା ଚାରି ଚକିଆ ଯାନ ଯିବା ଏକ ପ୍ରକାର ଅସମ୍ଭବ ହେବା ସହ ଲୋକେ ବହୁତ ହଇରାଣ ହେଉଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଆଜି ସକାଳୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାସ୍ତାରୁ ମାଟି ହଟାଇ ଭାଙ୍ଗି ଥିବା ସ୍ଥାନରେ ରାସ୍ତା ମରାମତି କରାଯାଇଥିଲା।

# ବଡ଼ସାହି ବିଧାୟକ ସନାତନ ବିଜୁଳି ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଁ ବିଧାନସଭାରେ ଦାବି କରିଛନ୍ତି



ବେତନଟୀ , ୨୭/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ କରାଯିବାପାଇଁ ଆଜି ଅପରାହ୍ନରେ ବିଧାନସଭାରେ ଦାବି ଉପସ୍ଥାପନ କଲେ ବଡ଼ସାହି ବିଧାୟକ ସନାତନ ବିଜୁଳି। ସୂଚନା ମୁତାବକ ଶହେ ବର୍ଷ ବୟସରେ ଉପନୀତ ହୋଇଥିବା ଏହି ଚିକିତ୍ସାଳୟ କୁ ୧୯୨୫ ମସିହାରେ ତତ୍କାଳୀନ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ପ୍ରଜାବତ୍ସଳ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ଦ୍ୱୟର ସୀମାନ୍ତ ତଥା ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବୈଶିଙ୍ଗା ଠାରେ ଏହି ଡାକ୍ତରଖାନା ସ୍ଥାପନ କରିଥିଲେ। ସେବେଠାରୁ ଉଭୟ ଜିଲ୍ଲାବାସୀଙ୍କ ପାଇଁ ଲାଇଫ ଲାଇନ୍ ରେ ପରିଣତ ହୋଇଛି ଏହି ଚିକିତ୍ସାଳୟ। ପାଖଆଖ ୧୭ ଟି ପଞ୍ଚାୟତର ଏକ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ଜରୁରୀକାଳୀନ ସ୍ଥିତିରେ ଜୀବନ ବଞ୍ଚାଇବାପାଇଁ ଦୌଡି ଆସନ୍ତି ଡାକ୍ତରଖାନାକୁ। ହେଲେ ସରକାରଙ୍କ ଉଦାସୀନତା ସହ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏଠାରେ ସାମାନ୍ୟତମ ଜୀବନରକ୍ଷାକାରୀ ସୁବିଧା ଉପଲବ୍ଧ ହୋଇନଥାଏ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଂକଟାପନ୍ନ ଥିଲେ ବାରିପଦା କିମ୍ବା ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ଅଧିକାଂଶ କ୍ଷେତ୍ରରେ ରାସ୍ତାରେ ଜୀବନ ଚାଲିଯାଇଥାଏ ରୋଗୀର। ପୂର୍ବ ସରକାରଙ୍କ ସମୟରେ ସ୍ଥାନୀୟ ଅଞ୍ଚଳକୁ ଗସ୍ତ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେବା ନେଇ ପ୍ରତିଶୃତି ଦେଇଥିଲେ। ପରବର୍ତ୍ତୀ ସମୟରେ ୫ ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କ ଗସ୍ତ ଅବସରରେ ଏହି ଡାକ୍ତରଖାନା ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍ଥଳେ ଏବଂ ବିଭିନ୍ନ ସମୟରେ ଦୁର୍ଘଟଣାରେ ସଙ୍କଟାପନ୍ନ ବ୍ୟକ୍ତିବିଶେଷ ଏଠାକୁ ଆସୁଥିବାରୁ ଏହାକୁ ଟ୍ରୋମା କେୟାର ସେଣ୍ଟର ରେ ପରିଣତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଏସବୁ କିଛି ବି କାର୍ଯକାରୀ ହୋଇପାରି ନାହିଁ। ଚିକିତ୍ସାଳୟ ଅବସ୍ଥା ଯେଉଁ ତିମିରେ କୁ ସେହି ତିମିରେ। ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିବା ବେଳେ ଗତବର୍ଷ ଗାନ୍ଧୀ ଜୟନ୍ତୀରେ ଅନଶନ ଓ ଗଣଧାରଣା ମଧ୍ୟ ଆୟୋଜିତ ହୋଇଥିଲା। ଏଭଳି ସ୍ଥିତିରେ ନିର୍ବାଚନ ପ୍ରଚାର ସମୟରେ ଏହି ଘଟଣାକୁ ମୁଖ୍ୟ ଇସ୍ୟୁ କରି ଜନମତକୁ ନିଜ ସପକ୍ଷକୁ ନେଇ ପାରିଥିଲେ ଭାଜପା ପ୍ରତିଦ୍ୱନ୍ଦୀ ସନାତନ ବିଜୁଳି। ଏହା ସହିତ ଏକ ନୂଆ ରେକର୍ଡ ମଧ୍ୟ ସୃଷ୍ଟି ହୋଇଥିଲା ଏଥିପାଇଁ ଯେ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ଦ୍ୱିତୀୟ ଥର ପାଇଁ କୌଣସି ବିଧାୟକ ଏଯାବତ ନିର୍ବାଚିତ ହୋଇପାରି ନଥିଲେ। ଏଭଳି ସ୍ଥିତିରେ ଆଜି ବିଧାନସଭାରେ ଦୃଢ଼ ଦାବି ଉପସ୍ଥାପନ କରି ବିଧାୟକ ନିଜ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ଲକ୍ଷ୍ୟରେ କାର୍ଯ୍ୟାରମ୍ଭ କରିଥିବା ସ୍ଥାନୀୟ ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଚାଲିଛି।

# ଯୋଗାଣ ବିଭାଗ ଦ୍ୱାରା ଚାନ୍ଦବାଲି ବଜାରରେ ଆଳୁ ପିଆଜର ଷ୍ଟକ୍ ଓ ଦର ତନଖି



ଭଦ୍ରକ, ୨୭/୭ (ନି.ପ୍ର): ଚାନ୍ଦବାଲି ପରିବା ମାର୍କେଟରେ ଆଳୁ, ପିଆଜର ଅସାଧୁ ବ୍ୟବସାୟ, ଅହେତୁକ ଦରବୃଦ୍ଧି, ବେନିୟମ ମହଜୁଦ ଆଦିକୁ ଯୋଗାଣ ବିଭାଗର ଏକ ସ୍କ୍ୱାଡ଼ ଦ୍ୱାରା ତଦାରଖ କରାଯାଇଛି । ହୋଲ୍ ସେଲ ପଏଣ୍ଟ ରୁ ପାଇକାରି ବ୍ୟବସାୟ ପ୍ରତିଷ୍ଠାନକୁ ଆଳୁ ପିଆଜ ଠିକ୍ ଭାବେ ଯୋଗାଇ ଦିଆ ଯାଉଛିକି ନାହିଁ ତନଖି କରାଯାଇଥିଲା । ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ସହକାରୀ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଭଦ୍ରକଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାର୍ଡ଼ ଦ୍ୱାରା ଅଚାନକ ଏହି ତନଖି କରାଯାଇଥିଲା । ଯାଞ୍ଚ କରାଯାଇଥିବା ହୋଲ୍‌ସେଲରଙ୍କ ନାମ ମା'କାଳୀ ଷ୍ଟୋର, ହାଟପଟି ପାଖରେ ୨୯ ପ୍ୟାକେଟ୍ ଆଳୁ, ଜୟଗୁରୁ ଆଳୁ ଭଣ୍ଡାର, ହାଟପଟି ପାଖରେ ୨୨ ପ୍ୟାକେଟ୍ ଆଳୁ, ସାହୁ ଭଣ୍ଡାର, ହାଟପଟି ପାଖରେ ୧୧୧ ପ୍ୟାକେଟ୍ , ଆଳୁ ମହଜୁଦ ଥିଲା । ଏହି ଷ୍ଟକ୍ ଖୁଚୁରା ବିକ୍ରେତାଙ୍କୁ ସୂଚାରୁ ରୂପେ ବଣ୍ଟନ କରିବାକୁ ପରାମର୍ଶ ଦିଆଗଲା ଏବଂ ଯେପରି ବହୁତ ଲୋକ ପାଇପାରିବେ ଯତ୍ନବାନ ହେବାକୁ ଜଣାଇ ଦିଆଗଲା । କିଲେପ୍ରତି ଆଳୁର ଦର ହୋଲ୍‌ସେଲର ପରେ ୨୮ ଟଙ୍କା ଏବଂ ଖୁଚୁରା ପାଇକାରି ଦର ୩୨ ଟଙ୍କାରୁ ୩୩ ଟଙ୍କା ରହିଅଛି । ବଜାରରେ ପିଆଜ ସମସ୍ତ ହୋଲସେଲରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଅଛି । ସମସ୍ତ ହୋଲସେଲରଙ୍କୁ ପରାମର୍ଶ ଦିଆଗଲା ରିଟେଲରମାନଙ୍କୁ କ୍ୟାସ୍ ମେମୋ ମାଧ୍ୟମରେ ଉପରୋକ୍ତ ସାମଗ୍ରୀ ବିକ୍ରୟ କରିବେ ।

# ବାଦିଘୋର ବ୍ରିଜ୍ ଉପରେ ବିପଦ ସାଜିଛି କାଦୁଅ

ବଲାଙ୍ଗିର, ୨୭/୭ (ନି.ପ୍ର): କିଛି ମାସ ଆଗରୁ ବଲାଙ୍ଗିରରୁ ଚନ୍ଦନଭାଟି ରାସ୍ତାରେ ପଡୁଥିବା ବାଦିଘୋର ବ୍ରିଜ୍ କୁ ବଡ ନୂତନ ବ୍ରିଜ୍ ରେ ପରିଣତ କରିବା ପାଇଁ ବଲାଙ୍ଗିର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ନରସିଂହ ମିଶ୍ର ଶୁଭ ଦେଇଥିଲେ । ଅଂଚଳରେ ବନ୍ୟା ହେଲେ ଯିବାଆସିବା କରିବା ପାଇଁ ଲୋକଙ୍କୁ କୌଣସି ବାଧାବିଘ୍ନର ସାମ୍ନା କରିବାକୁ ପଡିବ ନାହିଁ ଏ ଥିଲା ତାଙ୍କରି ଲକ୍ଷ୍ୟ । କାମ ମଧ୍ୟ ଠିକ୍ ? ଠାକ୍ ଚାଲିଥିଲା କିନ୍ତୁ ଗତ କିଛି ଦିନ ଆଗରୁ ବ୍ରିଜ୍ ନିର୍ମାଣ ମଧ୍ୟ ସରିଯାଇଛି ସତ । ହେଲେ ବ୍ରିଜ୍ ? ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ । ବ୍ରିଜ୍ ର ଦୁଇ ପାର୍ଶ୍ୱରେ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ମାଟି ପୋତାଯାଇଛି । ହେଲେ କିଛି ଦିନ ହେଲା ଅଂଚଳରେ ଲଗାଣ ବର୍ଷା ଲାଗିରହି ଥିବାରୁ ସେହି ରାସ୍ତା କାଦୁଅରେ ଭରପୁର ହୋଇଯାଇଛି । ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକେ ଯାତାୟତ କରିଥାନ୍ତି । ଲୋକେ କିଛି ଦୂରତା କାଦୁଅ ପଚ୍ ପଚ୍ ରାସ୍ତାରେ ଯିବା ଆସିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତିକି ବହୁ ଲୋକେ କାଦୁଅରେ ଖସି ପଡିଯିବାର ଅଭିଯୋଗ ମଧ୍ୟ ଆଣିଛନ୍ତି । ଏହା ବ୍ୟତୀତ ବ୍ରିଜ୍ ? ତଳେ ଯାଇଥିବା ଅସ୍ଥାୟୀ ରାସ୍ତାରେ ଲୋକେ ଯିବା ଆସିବା କରୁଥିବା ବେଳେ ପାଣି ଆଣ୍ଠୁଏ ହେବାରୁ ସେହି ରାସ୍ତାରେ ଯିବା ଆସିବା ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି। ସେଥିପାଇଁ ସେହି ଅସ୍ଥାୟୀ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯାଇଛି। ଏହି ଉପର ରାସ୍ତା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଯାତାୟାତ କରୁଥିବା ଲୋକେ ଏବେ ଚିନ୍ତାରେ । କେହି କେହି ତ ଚନ୍ଦନଭାଟିରୁ କଅଗାଁ ଗ୍ରାମ ଦେଇ କଲେଜ ପାଖରେ ବାହାରୁଥିବା ରାସ୍ତା ଦେଇ ଯାତାୟତ କରୁଥିବା ଦେଖାଯାଉଛି ।

# ବାଲିଆପାଳରେ ବିଜେପି ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ




ବାଲିଆପାଳ/ଲଙ୍ଗଳେଶ୍ୱର, ୨୭/୭ (ନି.ପ୍ର): ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ବିଜେପି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି ।ବିଜେପି ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା ଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିହାର ରେଜିମେଣ୍ଟର ଅବସରପ୍ରାପ୍ତ ଏଇଚ କ୍ୟାପଟେନ ରାମଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ୧୯୯୯ ମସିହା ଜୁଲାଇ ୨୬ କାରଗିଲ ବିଜୟ ଦିବସ ବିଷୟରେ ହୃଦୟ ବିଦାରକ ଦୃଶ୍ୟକୁ ବର୍ଣ୍ଣନା କରିଥିଲେ ।କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ,ବାଲିଆପାଳ ପୂର୍ବତନ ସୈନିକ ସଙ୍ଗଠନ ପ୍ରତିଷ୍ଠାତା ମନୋଜ କୁମାର ସି,ବାଲିଆପାଳ ମଣ୍ଡଳ ସଭାପତି କମଳ ଲୋଚନ ଦତ୍ତ,ଏସି ସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ସତ୍ୟରଞ୍ଜନ ମଣ୍ଡଳ, ଯୁବ ନେତା ଖିତିଶ କୁମାର ଜେନା, ବିଶ୍ୱଜିତ ନନ୍ଦ, ସୁଦାମ ଚରଣ ଦାସ, ଜିତେନ୍ଦ୍ର ପାତ୍ର,ବିଶ୍ୱଜିତ ସେଠୀ, ଅଜୟ ଗିରି,ରତ୍ନାକର ଦାସ,ବସନ୍ତ ବାରିକ,ଦେବେନ୍ଦ୍ର ପାତ୍ର,ନରେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମ ପ୍ରାରମ୍ଭରେ କାରଗିଲ ଯୁଦ୍ଧରେ ଅମର ସହିଦଙ୍କ ଉଦ୍ଦେଶ୍ୟରେ ଦୀପ ଦାନ କରାଯାଇ ଥିଲା ।ଶେଷରେ ଅବସର ପ୍ରାପ୍ତ ସେନା କର୍ମଚାରୀ ମନୋଜ କୁମାର ସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କାର୍ଗିଲ ବିଜୟ ଦିବସ ପାଳିତ

ବଲାଙ୍ଗିର, ୨୭/୭ (ନି.ପ୍ର): ବଲାଙ୍ଗୀର ସଦାଇପାଲି ସାଇଟକଲେଜ ପଲ୍ଲିଶ୍ରୀ ବିହାର ସଭାଗୃହ ଠାରେ ଆଜି ବିଜେପି ଯୁବମୋର୍ଚ୍ଚା ତରଫରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ମୁଖ୍ୟଅତିଥି ସମାଜସେବୀ ଡ଼. ଶ୍ରୀକର ମିଶ୍ର, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ବିଜେପି ପ୍ରଭାରୀ, ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ପଂକଜିନୀ ପଣ୍ଡା, ରଂଜିତା ପାଣିଗ୍ରାହୀ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅମରଜିତ ପଟେଲ, ଦିନେଶ ଶର୍ମା, ପୂର୍ବତନ ସୈନିକ ସଙ୍ଘ ସଭାପତି ପ୍ରତାପ ଚନ୍ଦ୍ର ରଥ. ଉପସ୍ଥିତ ଥିଲେ । ସଦେଇପାଲି ସାଇଟ କଲେଜର ଛାତ୍ର ଛାତ୍ରୀ ବହୁସଂଖ୍ୟାରେ ଯୋଗଦାନ କରିଥିଲେ । ବିଜେପି ଯୁବ ମୋର୍ଚ୍ଚାର ସମ୍ପାଦକ ପାର୍ଥ କରଣ ଏହି ସଭାକୁ ପରିଚାଳନା କରଥିଲେ ।ଏହି କାର୍ଗିଲ ବିଜୟ ଦିବସ ସଭାରେ କାର୍ଗିଲରେ ସହିଦ ହୋଇଥିବା ସହିଦ ପରିବାରଙ୍କୁ ଯୁବମୋର୍ଚ୍ଚା ତରଫରୁ ସମ୍ମାନିତ କରାଯାଇଥିଲା ।

ରବିବାର, ୨୮ ଜୁଲାଇ ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ହରିପ୍ରିୟାଙ୍କୁ ଆବାସ ଘର ସାତ ସପନ: ଦୁର୍ଦ୍ଦିନରେ ବିତୁଛି ଜୀବନ

ବାଲିଆପାଳ/ଲଙ୍ଗଳେଶ୍ୱର, ୨୭/୭ (ନି.ପ୍ର): କିଏ ନଭଚୁମ୍ବୀ ଅଟ୍ଟାଳିକାରେ ତ କିଏ ପୁଣି ଭଙ୍ଗା ଦଦରା କୁଡିଆରେ । କିଏ ଛେନା ଛତୁରେ ଭାସୁଛି ତ ପୁଣି କିଏ ଶାଗ ପଖାଳ ରେ ବଞ୍ଚିବା ପାଇଁ ପର ଘରେ କରୁଛି ପାଇଟି। କିଏ ପୁଣି ଯେତେ ହାରି ଗୁହାରୀ କଲେ ବି ତା ଦୁଃଖ ବୁଝୁନି ପ୍ରଶାସନ କିମ୍ବା ସରକାର। ଭଙ୍ଗା କୁଡିଆ ଭିତରେ ବିତୁଛି ତା ଜୀବନ। ଏହି ଭଳି ଏକ ଅଭାବନୀୟ ଘଟଣା ଦେଖି ବାକୁ ମିଳିଛି ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ବାଲିକୁଟି ଗାଁ ରେ । ପର ଘରେ ମୂଲ ଲାଗି ପରିବାର ପ୍ରତି ପୋଷଣ କରୁଥିବା ଜଣେ ମହିଳା ହରିପ୍ରିୟା ରାଉଳଙ୍କ ପାଇଁ ଆଜି ଆବାସ ଘର ଟିଏ ହୋଇଛି ସାତ ସପନ। ଅକର୍ମଣ୍ୟ ସ୍ୱାମୀ ପ୍ରଭାକର , ଦୁଇ ଝିଅ ଓ ଏକ ମାତ୍ର ପୁତ୍ରକୁ ନେଇ ହରିପ୍ରିୟା ର ପରିବାର ।ମାଟି ନଡ଼ା ଛପର ଘର ଟି ତାର ଦୀର୍ଘ ଦିନରୁ ଭାଙ୍ଗି ରୁଜି ଯାଇଛି। ବର୍ଷା ହେଲେ ଛପରରୁ ପାଣି ଗଳୁଛି। ସ୍ୱାମୀ କାମ ଧନ୍ଦା କରି ପାରନ୍ତି ନାହିଁ। ହରିପ୍ରିୟା ପର ଘରେ ମୂଲ ଲାଗିଲେ ତାର ପରିବାର ଚଳେ। ଦୀର୍ଘ ଦିନ ଧରି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଘର ପାଇଁ ଆବେଦନ କରିଥିଲେ ବି କେହି କର୍ଣ୍ଣପାତ କରୁ ନାହାଁନ୍ତି। ସ୍ଥାନୀୟ ସରପଞ୍ଚ, ବିଡିଓ ଙ୍କୁ ହାରି ଗୁହାରୀ କରି କରି ହରିପ୍ରିୟା ଥକି ଗଲେଣି। ରାଜ୍ୟ ଓ କେନ୍ଦ୍ର ସରକାର ସବୁ ଗରିବ



ଲୋକଙ୍କୁ ଘର ଦେବେ ବୋଲି ଡିଣ୍ଡିବ ପିଟୁ ଥିଲେ ବି ଏଠାରେ ଏହା ଏକ ପ୍ରହସନ ରେ ପରିଣତ ହୋଇଛି କହିଲେ ଚଳେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମ ବାସୀ ଦୃଢ଼ ଦାବି କରିଛନ୍ତି।

# କାରଗିଲ ବିଜୟ ଦିବସ ପାଳିତ



ବେତନଟୀ , ୨୭/୭ (ନି.ପ୍ର): ବେତନଟୀ ସ୍ଥିତ ଆନନ୍ଦବଜାର ହନୁମାନ ମନ୍ଦିର ପରିସରରେ ଶୁକ୍ରବାର ଦିନ ସଂଧ୍ୟାରେ କିଛି ସ୍ୱେଚ୍ଛାସେବୀମାନଙ୍କୁ ନେଇ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି । ବେତନଟୀ ବିଜେପି ମଣ୍ଡଳ ସମ୍ପାଦକ ଜୀବନ ପରିଡାଙ୍କ ସଂଯୋଜନାରେ କାରଗିଲ ଯୁଦ୍ଧକୁ ସ୍ମରଣ କରାଯାଇ ସେଥିରେ ପ୍ରାଣ ହରାଇଥିବା ଶହୀଦମାନଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ସମିତି ସଭ୍ୟ ରଣଜିତ ସିଂ, ନରୋତ୍ତମ ମହାନ୍ତ, ଚନ୍ଦ୍ର ଶେଖର ବେରା, ଅନୁପ ଦଣ୍ଡପାଟ, ଉଦିତ ପରିଡା , ରାକେଶ ମହାନ୍ତ, କେଶବ ନାଥ, ଅରୂପ ଲେଙ୍କା, କୁନା ମହାନ୍ତ, ଦିଲ୍ଲୀପ ମହାନ୍ତ, ଆଶୀର୍ବାଦ ନାୟକ, ସୁମନ୍ତ ପରିଡା, ଆଶିଷ ପାତ୍ର, ବୀରକିଶୋର ବିଶ୍ୱାଳ, ଜଗଦୀଶ ସାହୁ, ଜଗା ଦାସ, ସିନୁ ନାଥ, କରଣ ନାଥ, କାଲୁ ବାରିକଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ଉପସ୍ଥିତ ରହିଥିଲେ ।

# ନିଖିଳ ଓଡ଼ିଶା ୬୬୨(+୨ ଓ +୩) ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀ ବାଲେଶ୍ୱର ସଂଘର ବିଭିନ୍ନ ସମସ୍ୟା ନେଇ ସାଂସଦଙ୍କୁ ଦାବିପତ୍ର

ନୀଳଗିରି , ୨୭/୭ (ନି.ପ୍ର): ନିଖିଳ ଓଡ଼ିଶା ୬୬୨(+୨ ଓ+୩) ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କୁ ଔପଦା ବ୍ଲକ୍ ବାବା ପଞ୍ଚଲିଙ୍ଗେଶ୍ୱର କଲେଜ ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଉଭୟଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସଂଘର ବିଭିନ୍ନ ଅସଙ୍ଗତି ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ବାହାନଗା କଲେଜ ଅଧ୍ୟାପକ ଗଜେନ୍ଦ୍ର ପ୍ରସାଦ ନାୟକ ସଭା ପରିଚାଳନା କରିଥିଲେ। ନୀଳଗିରି ମହିଳା ମହାବିଦ୍ୟାଳୟ ର ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।୬୬୨ବର୍ଗର ରାଜ୍ୟ




ସଭାପତି ଗୋଲକ ନାୟକ ଅତିଥି ଦ୍ୱୟଙ୍କ ସଂଘର ଦାବୀପତ୍ର ପ୍ରଦାନ କରିଥିଲେ । ପ୍ରମୁଖ ଦାବୀ ମଧ୍ୟରେ ୧୯୯୦ମସିହାରେ ଗଢି ଉଠିଥିବା ୬୬୨ବର୍ଗର କଲେଜ ଗୁଡିକ ପୂର୍ବତନ ସରକାର ୨୦୦୯ମସିହାରେ ୪୦ପ୍ରତିଶତ, ୨୦୧୪ମସିହାରେ ଶତପ୍ରତିଶତ ବେତନ କରିଥିବା ବେଳେ ୨୦୧୮ମସିହାରେ ସପ୍ତମ ବେତନ କମିଶନ ଲାଗୁ କରିଥିଲେ ହେଁ ସରକାରୀ କରଣ କରାଯାଇ ନାହିଁ କିମ୍ବା ସରକାରୀ ସୁବିଧାରୁ ବଂଚିତ ରଖାଯାଇଛି। ଇତି ମଧ୍ୟରେ ଅନେକ ଅଧ୍ୟାପକ ଓ କର୍ମଚାରୀ ଅବସର ନେଇସାରିଥିଲେ ସେମାନଙ୍କୁ କୌଣସି ସରକାରୀ ସୁବିଧା ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ ରିକ୍ତ ହସ୍ତରେ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ତେଣୁ ବର୍ତ୍ତମାନର ରାଜ୍ୟ ସରକାର ଶିକ୍ଷାର ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦେଉଥିବାରୁ ସମସ୍ତଙ୍କୁ ଅବସର ପରେ ଅବସରକାଳୀନ ସୁବିଧା ସହିତ ପେନସନ ପ୍ରଦାନ, ସରକାରୀ ସର୍ତ୍ତାବଳୀ ଲାଗୁକରିବା, ସମାନ କାମକୁ ସମାନ ଦରମା ପ୍ରଦାନ , ଚାକିରୀ କାଳ ୬୦ବର୍ଷରୁ ୬୨ବର୍ଷ କରିବା, ବାଦ ପଡ଼ିଥିବା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଆଦି ବିଭିନ୍ନ ଦାବୀ ସମ୍ବଳିତ ପତ୍ର ପ୍ରଦାନ କରାଯାଇଛି। ତେବେ ସବୁଠୁଁ ଗୁରୁତ୍ୱପୂର୍ଣ୍ଣ ବିଷୟ୧.୧ ୨୦୨୨ରୁ ୧.୧.୨୦୨୩ଏକ ବର୍ଷ ଧରି ୪୪୮ଓ ୬୬୨ବର୍ଗର ସମସ୍ତ କର୍ମଚାରୀ ମାନଙ୍କୁ ସମାନ ଦରମା ପ୍ରଦାନ କରାଯାଉଥିବା ବେଳେ ୨୦୨୩ ମସିହାରେ ନୂତନ ଅନୁଦାନ ନୀତି ପ୍ରଣୟନ କରି ୪୪୮ବର୍ଗର ଅଧ୍ୟାପକ ମାନଙ୍କୁ ୬୦୦୦/-ଟଙ୍କାର ଅଧିକ ଦରମା ଦେବା, ୪୬୦୦ଗ୍ରେଡ ପେ ପାଉଥିବା ଅଧ୍ୟାପକ ମାନଙ୍କୁ ୪୨୦୦ଗ୍ରେଡ ପେ ଠାରୁ କମ୍ ଦରମା ପାଇବା ଏକ ଅସଙ୍ଗତି ସୃଷ୍ଟି କରି ପାତର ଅନ୍ତର ନୀତି ପ୍ରଣୟନ କରିଛନ୍ତି। ତେଣୁ ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବିରେ ଉଲ୍ଲେଖ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୬୬୨ବର୍ଗର ବାଲେଶ୍ୱର ଜିଲ୍ଲା ସଂଘର ସମ୍ପାଦକ ତଥା ବରୁଣ ସିଂ କଲେଜ ଅଧକ୍ଷ ଜୟନ୍ତ କୁମାର ସେଠୀ , ଡ଼ଃ ଶାନ୍ତନୁ ପାଣି, ଡ଼ଃ ଉମାକାନ୍ତ ଜେନା, ବିନୋଦ କୁମାର ମହାରଣା, ପ୍ରଶାନ୍ତ ଦାସ, ସମରବଲ୍ଲଭ ନାୟକ, କବିତା ପଣ୍ଡା, ଜ୍ୟୋତିର୍ମୟୀ ନାୟକ, ବାସନ୍ତୀ ନନ୍ଦ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ୬୬୨ବର୍ଗର ୪୫ଟି କଲେଜର ଅଧ୍ୟାପକ ଓ କର୍ମଚାରୀ ସାମିଲ ଥିଲେ। ସର୍ବଶେଷରେ ସନ୍ତରାଗଡିଆ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ଅଧକ୍ଷ ଗୌରହରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକକୁ ଧକ୍କା ଦେଲା ଅଜଣା ଗାଡ଼ି: ବାଇକ ଆରୋହୀ ଗୁରୁତର

ବସ୍ତା: ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଆଜି ଗାନ୍ଧିଛକ ନିକଟରେ ଗୋଟିଏ ବାଇକକୁ ଅଜଣା ଗାଡ଼ି ଧକ୍କା ଦେବାରୁ ବାଇକ ଆରୋହୀ ଆହତ ହୋଇଛନ୍ତି ।ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଉକ୍ତ ବାଇକ ଆରୋହୀ ଜୁଣବଳଦା ଗ୍ରାମର ରବି ମାହାଲ ବାଇକ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଗାନ୍ଧିଛକ ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ବାଇକ ଆରୋହୀ



ଜଣଙ୍କ ରାସ୍ତା ପାର୍ଶ୍ୱରେ ଛଟପଟ ହେଉଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ଡାକ୍ତରଖାନାକୁ ପଠାଇ ଥିବା ଜଣାଯାଇଛି।

# ଦଳ ଯାହା ନିଷ୍ପତ୍ତି ନେବ, ସମସ୍ତେ ଗ୍ରହଣ କରିବେ: ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୨୭/୭ (ନି.ପ୍ର): ଓଡ଼ିଶା ସ୍ୱାର୍ଥ ପାଇଁ ଯିଏ ଲଢ଼ିପାରୁଥିବ, ସରକାରରେ ଆସିବା ପାଇଁ ଯିଏ ସମ୍ପୂର୍ଣ୍ଣ ପ୍ରୟାସ କରିପାରୁଥିବ, ସେଭଳି ଲୋକଙ୍କୁ ଏଆଇସିସି ଓଡ଼ିଶା ପିସିସି ସଭାପତି ଭାବେ ନିଯୁକ୍ତ କରିବ। ମୋର ବ୍ୟକ୍ତିଗତ ଆଉ ଦଳଗତ ଇଚ୍ଛା ଭିନ୍ନ। ତେଣୁ ଦଳ ଯାହା ନିଷ୍ପତି ନେବ, ତାହା ସମସ୍ତେ ଗ୍ରହଣ କରିବେ ବୋଲି ଦିଲ୍ଲୀରୁ ଫେରିବା ପରେ ପ୍ରତିକ୍ରିୟା ରଖିଛନ୍ତି ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ।

# ବାଲେଶ୍ୱରରେ ଆଳୁ ଦରଦାମ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ବାଲେଶ୍ୱର, ୨୭/୭ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ଅଭାବି ଆଳୁ ସମସ୍ୟା ଓ ବର୍ଦ୍ଧିତ ମୂଲ୍ୟବୃଦ୍ଧି ରୋକିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ବାଲେଶ୍ୱର ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ଜିଲ୍ଲାରେ ଆଳୁର ଯୋଗାଣ ସ୍ୱାଭାବିକ କରିବା ସହିତ କଳାବଜାରୀ କରୁଥିବା ବ୍ୟବସାୟୀମାନଙ୍କୁ ଦଣ୍ଡିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗଚ୍ଛିତ ଆଳୁ ଭଣ୍ଡାର ଗୁଡିକର ନିୟମିତ ଯାଞ୍ଚ କଲେ ଏ ସମସ୍ୟାର ଅନେକ



ମାତ୍ରାରେ ସମାଧାନ ହେବବୋଲି କହିଛନ୍ତି। ଏହା ସହିତ ଆଳୁର ହୋଲସେଲ ଦର କେଜି ପିଛା ୩୨ ଟଙ୍କା ଓ ଖୁଚୁରାରେ ସର୍ବାଧିକ ୪୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୀ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅନୁଗୁଳ-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୭/୭ (ନି.ପ୍ର): ଅନୁଗୁଳ-ପୁରୀ ପାସେଞ୍ଜର ଟ୍ରେନ୍ ରେ ଅଗ୍ନିକାଣ୍ଡ ଘଟିଛି। ବ୍ରେକ୍ ବାଇଣ୍ଡିଂ ଘସିହୋଇ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ପୁରୀ ଷ୍ଟେସନରେ ପହଂଚିବା ପୂର୍ବରୁ ରେଳ କର୍ମଚାରୀ ନିଆଁକୁ ଆୟତ କରିଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ବୈଷୟିକ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ସଠିକ୍ ସମୟରେ ନିଆଁ ଆୟତ ହୋଇଥିବାରୁ ଏକ ବଡଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ। ସୂଚନା ଅନୁଯାୟୀ ମାଳତୀପାଟପୁର ଷ୍ଟେସନ ନିକଟରେ ନିଆଁ ଲାଗିଥିଲା। ଟ୍ରେନ ଚାଲୁଥିବା ସମୟରେ ଟ୍ରେନପଛ ପାଖ ଇଞ୍ଜିନରୁ ନିଆଁ ଓ ଧୂଆଁ ବାହାରୁଥିବା କିଛି ଲୋକ ଦେଖିଥିଲେ।

# ଭାଲୁକାଶୁଣୀ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ନୀଳଗିରି, ୨୭/୭ (ନି.ପ୍ର): ବର୍ତ୍ତମାନ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ 'ଶିକ୍ଷା ସପ୍ତାହ' କାର୍ଯ୍ୟକ୍ରମ ବହୁ ଧୁମଧାମରେ ପାଳିତ ହେଉଥିବା ବେଳେ ଆଜି ଅର୍ଥାତ୍ ଶନିବାର ଦିନ ରାଜ୍ୟ ସରକାରଙ୍କ ଅନୁମୋଦିତ 'ଇକୋ କ୍ଲବ୍' ଯୋଜନା ମାଧ୍ୟମରେ ବିଦ୍ୟାଳୟ ଗୁଡ଼ିକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଅଛି । ଏଥି ନିମନ୍ତେ ନୀଳଗିରି ବ୍ଲକ୍ ର ନରଣପୁର କ୍ଲଷ୍ଟର ଅଧିନରେ ଥିବା ଭାଲୁକାଶୁଣି ପ୍ରାଥମିକ ବିଦ୍ୟାଳୟରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ନେଇ ବୃକ୍ଷରୋପଣ କରାଯାଇଅଛି। ଏଥିରେ ନୀଳଗିରି ମହାବୀର ଫାଉଣ୍ଡେସନର



କର୍ମବୀର କର୍ମୀ ଏବଂ ପ୍ରତିଷ୍ଠାତା ବିଦ୍ୟାଧର ବାରିକଙ୍କ ଅନୁଦାନରେ ୫୦ ଗୋଟି ଫଳନ୍ତି ଏବଂ ଔଷଧୀୟ ବୃକ୍ଷ ବିଦ୍ୟାଳୟକୁ ଯୋଗାଇ ଦେଇଛନ୍ତି। ଏହା ସହିତ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ଦାସ ବୃକ୍ଷ ମାନଙ୍କର ଉପକାରିତା ଉପରେ ପିଲାମାନଙ୍କୁ ଅବଗତ କରିବା ସହିତ ମହାବୀର ଫାଉଣ୍ଡେସନର କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେନ୍ଦ୍ର ଜେନାଙ୍କ ସମେତ ଶିକ୍ଷକ ଘାସିରାମ ପୁର୍ତ୍ତୀ ଓ କୁନିକୁନି ଛାତ୍ରଛାତ୍ରୀ ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଶେଷରେ ଶିକ୍ଷକ ଶ୍ରୀଯୁକ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ଅଟକ

ନିଳଗିରି , ୨୭/୭ (ନି.ପ୍ର): ଜୈନିକ ଯୁବକ ଜଣେ ନାବାଳିକାକୁ ଭଲପାଇ ଆସୁଥିବା ବେଳେ ଗତ ୨୫ତାରିଖ ଦିନ ନାବାଳିକା ଜଣକ ସ୍କୁଲକୁ ଆସୁଥିବା ବେଳେ ଯୁବକ ଜଣକ ତାକୁ ଅପହରଣ କରିଥିବାନେଇ ନାବାଳିକାର ବାପା ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ନବମ ଶ୍ରେଣୀରେ ପଢୁଥିବାର ଜଣାପଡ଼ିଛି। ଅଭିଯୋଗକୁ ଆଧାର କରି ନିଳଗିରି ଥାନାର ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ତଦନ୍ତ ଆରମ୍ଭ କରିଥିଲେ। ଗତ ୨୬ତାରିଖ ସଂଧ୍ୟାରେ ନିଳଗିରି ପୋଲିସ ଖନ୍ତାପଡା ଅଞ୍ଚଳରୁ ଉଭୟ ପୁଅ, ଝିଅକୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ସୂଚନା ଅନୁସାରେ ନାବାଳିକା ଜଣକ ନିଳଗିରି ଥାନା ଅନ୍ତର୍ଗତ ନରସିଂହପୁର ଅଞ୍ଚଳରେ ହୋଇଥିବା ବେଳେ ଯୁବକର ଘର ଔପଦା ବ୍ଲକ୍ ପଦାଗାଁ ଅଞ୍ଚଳରେ ବୋଲି ଜଣାପଡିଛି। ନାବାଳିକାର ବୟାନ ରେକର୍ଡ କରାଯାଇଥିବା ବେଳେ ଯୁବକକୁ ଥାନାରେ ଅଟକ ରଖି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ବନ୍ଦର ପରିବହନ ଓ ଜଳପଥ ବିଭାଗର ସଚିବଙ୍କ ଦୁଇ ଦିନିଆ ପାରାଦୀପ ବନ୍ଦର ଗସ୍ତ ଶେଷ



ପାରାଦୀପ, ୨୭/୭ (ନି.ପ୍ର): କେନ୍ଦ୍ରୀୟ ବନ୍ଦର ପରିବହନ ଓ ଜଳପଥ ମନ୍ତ୍ରଣାଳୟ ର ସଚିବ ଟିକେ ରାମଚନ୍ଦ୍ରନ ଙ୍କର ଦୁଇ ଦିନିଆ ପାରାଦୀପ ବନ୍ଦର ଗସ୍ତ କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି ।ଗତକାଲି ମାନ୍ୟବର ସଚିବଙ୍କୁ ୱେଟ ମେସିନ ଠାରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା ।ପରେ ସଚିବ ମହୋଦୟ ବନ୍ଦର ପ୍ରଶାସନିକ ଭବନ ସଭା ଗୃହରେ ସମସ୍ତ ବରିଷ୍ଠ ଅଧିକାରୀ ଙ୍କ ସହ ବନ୍ଦରର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା । କରିଥିଲେ ।ତାଙ୍କ ଗସ୍ତ ସମୟରେ ପାରାଦୀପ ବନ୍ଦର ତାର ସିଏସଆର ଫଣ୍ଡ ରୁ ଯୁବକ ମାନଙ୍କ ଦକ୍ଷତା ବିକାଶ ପାଇଁ ସିଆଇପେଟ କୁ ଅର୍ଥ ପ୍ରଦାନ କରିଥିଲେ ।ତତ୍ପରେ ସଚିବ ମହୋଦୟ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ତନ୍ମଧ୍ୟରେ ସାମୁଦ୍ରିକ ସଂଗ୍ରହାଳୟର ଭିତିପ୍ରସ୍ତର, ବନ୍ଦର ଚିକିତ୍ସାଳୟରେ ନୂତନ ଆନେକ୍ସ ଗୃହର ଉଦଘାଟନ, ୱାଟର ଟ୍ରିଟମେଂଟ ପ୍ଲାଣ୍ଟର ମୂଳଦୁଆ ସ୍ଥାପନ କରିବା, ମେକାନାଇଜଡ଼ କୋଇଲା ହ୍ୟାଣ୍ଡଲିଂ ପ୍ଲାଣ୍ଟ ର ସମ୍ପ୍ରସାରଣ କାର୍ଯ୍ୟ ସମ୍ପାଦନ କରିଥିଲେ। ପରିଶେଷରେ ସଚିବ ଙ୍କ ସହ ତାଙ୍କ ସହଧର୍ମିଣୀ ବିଭି ସତ୍ୟବତୀ ପାରାଦୀପ ବନ୍ଦର ଲେଡିଜ କ୍ଲବ ସଭାନେତ୍ରୀ ଶ୍ରୀମତୀ ପି ଗିରିଜା ସୁନ୍ଦରୀଙ୍କ ସହ ବିଭିନ୍ନ ମହିଳା ସଙ୍ଗଠିତ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ ।ଏହି କାର୍ଯ୍ୟକ୍ରମ ଗୁଡିକୁ ମୁଖ୍ୟତଃ ପାରାଦୀପ ସ୍ୱାକ୍ଷରତା ସମିତି ଦ୍ୱାରା ମଧୁବନ ସ୍ଥିତ ଅଫିସର କ୍ଲବ କ୍ଲବ ଠାରେ ଆୟୋଜନ କରାଯାଇଥିଲା।

# ଖେଳପଡ଼ିଆ ଜମିକୁ କୌଣସି ଅନୁଷ୍ଠାନକୁ ହସ୍ତାନ୍ତର ନ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ

ଭଦ୍ରକ, ୨୭/୭ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ଅଂଚଳର ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଏକମାତ୍ର ସରକାରୀ ଖେଳପଡ଼ିଆ ଜମିକୁ କୌଣସି ଅନୁଷ୍ଠାନକୁ ହସ୍ତାନ୍ତର ନକରିବାକୁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ସମେତ ପଂଚାୟତବାସୀ ଜିଲ୍ଲାପାଳଙ୍କ ଠାରେ ନିବେଦନ କରିଥିବା ଜଣାପଡ଼ିଛି । ଆଗରପଡ଼ା ଅଂଚଳ ଜିଲ୍ଲାର ଉପାନ୍ତ ଅଂଚଳ ହେତୁ ବାଲେଶ୍ୱର,ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ସଙ୍ଗମସ୍ଥଳ ଓ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଅଟେ । ଏଠାରେ ରାଜଧାନୀ ସମେତ ପଡ଼ୋଶୀ ଜିଲ୍ଲାର ସଦର ମହକୁମାକୁ ଯାତାୟାତ ସୁବିଧା ଦୃଷ୍ଟେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ନିମନ୍ତେ ଏହି ସ୍ଥାନ ସର୍ବୋତ୍ତମ ଅଟେ । ଆଗରପଡ଼ା ସଂଲଗ୍ନ ବିଟିପୁର ପଂଚାୟତର ବରହମପୁର ରାଜସ୍ୱ ଗ୍ରାମରେ ଶହଶହ ବର୍ଷ ପୂର୍ବରୁ ବର୍ତ୍ତମାନର ସରକାରୀ ରେକର୍ଡ଼ ଅନୁଯାୟୀ ରକ୍ଷିତ ଅନାବାଦୀ,ଖାତା ନଂ-୬୨,ପ୍ଲଟ ନଂ-୨୦୭/୨୨୫,କିସମ-ପୁରାତନ ପର୍ତିତ,ରକବା-ଏ୦୫-୦୦ଡ଼ିସିମିଲ(ପାଂଚ ଏକର) ସରକାରୀ ସମତଳ ଜମି ଗ୍ରା,ପ. ସଂରକ୍ଷିତ ପାଇଁ ସୁରକ୍ଷିତ ହୋଇଅଛି। ଦୀର୍ଘ ୧୦୦ବର୍ଷରୁ ଉର୍ଦ୍ଧ୍ୱ ହେବ ଉପରୋକ୍ତ ଜମିଟି ସର୍ବସାଧାରଣ ଖେଳ ପଡ଼ିଆ(ଦମ୍‌ଦମା ପଡ଼ିଆ) ଭାବେ ଖ୍ୟାତି ଲାଭ କରିଅଛି । ଉକ୍ତ ପଡ଼ିଆରେ ସାର୍ବଜନୀନ ଫୁଟବଲ, ଭଲିବଲ, କ୍ରିକେଟ, ବ୍ୟାଡ଼ମିଣ୍ଟନ ଖେଳ ଓ ବାର୍ଷିକ ଟୁର୍ଣ୍ଣାମେଣ୍ଟ ଆଦି ହେବା ସହିତ ବିଭିନ୍ନ ସଭାସମିତି ମଧ୍ୟ କରାଯାଉଅଛି। ଏହି ପଡ଼ିଆଟି ଦୀର୍ଘ ତଥା ସମତଳ ଜାଗା ହେତୁ ଏକଦା ଏଠାରେ ମିନି ଏରୋପ୍ଲେନ ଓ ହେଲିକ୍ୟାପଟର ଅବତରଣ କରାଯାଇଥିଲା । ଅଂଚଳବାସୀଙ୍କ ପକ୍ଷରୁ ଏଠାରେ ଏକ ଷ୍ଟାଡ଼ିୟମ କରିବା ପ୍ରସ୍ତାବ ବିଚାରାଧୀନ ରହିଛି । ମାତ୍ର ଦୁଃଖ ଓ ପରିତାପର ବିଷୟ କଲେଜର ବହୁ ପରିମାଣରେ ଦାନ ଜମି ଥିବା ବେଳେ ଉକ୍ତ ସରକାରୀ ଜମି ଗ୍ରା.ପ.ପାଇଁ ସଂରକ୍ଷିତ ଥିବାସତ୍ତ୍ୱେ ନିକଟରେ ଥିବା ଆଗରପଡ଼ା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନାରାୟଣ ଚନ୍ଦ୍ର ପାତ୍ର ସ୍ଥାନୀୟ ଜନପ୍ରତିନିଧି, ସରପଂଚ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅଂଚଳବାସୀଙ୍କ ବିନା ପରାମର୍ଶରେ ଉକ୍ତ ସର୍ବ ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜମିକୁ ଆଗରପଡ଼ା ମହାବିଦ୍ୟାଳୟ ନାମରେ ନାମିତ କରିବାକୁ ତତ୍ପରତା ପ୍ରକାଶ କରୁଥିବା ଜଣାପଡ଼ିଛି। ବୃହତ୍ତର ଆଗରପଡ଼ା ଗଠନରେ ଉକ୍ତ ଜମିର ଗୁରୁତ୍ୱ ପୂର୍ଣ୍ଣ ଭୂମିକାକୁ ଆଖି ଆଗରେ ରଖି ଅଧ୍ୟକ୍ଷଙ୍କୁ ଏହିପରି କାର୍ଯ୍ୟରୁ ନିବୃତ୍ତ ରଖିବାକୁ ଏବଂ ଉକ୍ତ ସରକାରୀ ସଂରକ୍ଷିତ ଜମିକୁ କୌଣସି ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷଙ୍କୁ ନଦେବାକୁ ଏବଂ ଆଗରପଡ଼ା ଅଂଚଳବାସୀଙ୍କ ସାମୁହିକ ସ୍ୱାର୍ଥ ଉଦ୍ଦେଶ୍ୟରେ ଉକ୍ତ ଜମିକୁ ସଂରକ୍ଷିତ ରଖିବାକୁ ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ,ବିଟିପୁର ସରପଂଚ ସୁଭଦ୍ରା ସିଂହ,ବଡ଼ମହିଁଷଗୋଠ ସରପଂଚ ବିନୋଦିନୀ ମହାନ୍ତି,ପୁରୁଷଣ୍ଡ ସରପଂଚ ପ୍ରକାଶ ବିଶ୍ୱାଳ,ନାଏବ ସରପଂଚ,ୱାର୍ଡ଼ ସଭ୍ୟସଭ୍ୟା ଓ ପଂଚାୟତ ବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିବା ସହ ଏହାର ଏକକିତା ନକଲ ମାନ୍ୟବର ସାଂସଦ ଭଦ୍ରକ,ବିଧାୟକ ଭଣ୍ଡାରିପୋଖରୀ ,କେନ୍ଦ୍ରାଚଂଳ ରାଜସ୍ୱ କମିଶନର କଟକ,ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ)ଭଦ୍ରକ ଓ ତହସିଲଦାର ବନ୍ତଙ୍କୁ ପ୍ରେରଣ କରିଥିବା ଜଣାପଡ଼ିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo